




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୪ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 04 DECEMBER 2021
Vol.No. 32 ■ No. 309 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଗୋପାଳପୁରରୁ ୪୭୦ କିମି ଦୂରରେ ଜୱାଦ


## ୫ ତାରିଖ ମଧ୍ୟାହ୍ନ ସୁଦ୍ଧା ପୁରୀ ଉପକୂଳ ଛୁଇଁବା ସମ୍ଭାବନା



ଭୁବନେଶ୍ୱର, ୦୩/୧୨ (ନି.ପ୍ର): ବାତ୍ୟା 'ଜୱାଦ' ଏବେ ଗୋପାଳପୁରରୁ ୪୭୦ କିମି ଦୂରରେ ରହିଛି। ପାରାଦୀପରୁ ଏହା ୫୮୦ କିମି ଦୂରରେ ରହିଛି। ଗତ ୬ ଘଂଟାରେ ଘଂଟାପ୍ରତି ଏହା ୨୨ କିମି ବେଗରେ ଆସୁଛି। କାଲି ରି-କର୍ଭ କରି ୫ ତାରିଖ ମଧ୍ୟାହ୍ନ ସୁଦ୍ଧା ପୁରୀ ଉପକୂଳ ପାଖାପାଖି ହେବ। ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବ କି ନାହିଁ ଏଯାଏ ଆଇଏମଡି ସ୍ପଷ୍ଟ କରିନି। ଯଦି ସ୍ଥଳଭାଗ ଛୁଏଁ, ଅଳ୍ପ ଛୁଇଁ ବାତ୍ୟା ପୁଣି ସମୁଦ୍ର ମଧ୍ୟରେ ଯିବ। ସ୍ଥଳଭାଗ ନଛୁଇଁଲେ ବି ଉପକୂଳ ପାଖାପାଖି ହେଲେ ପବନର ବେଗ ଘଂଟାପ୍ରତି ୮୦ରୁ ୯୫ କିମି ରହିବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟା 'ଜୱାଦ'ର ମୁକାବିଲା ପାଇଁ ପ୍ରସ୍ତୁତି ସଂପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ପ୍ରଦୀପ ଜେନା ସମସ୍ତ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲାପାଳମାନଙ୍କୁ ଉପକୂଳବର୍ତ୍ତୀ ତଥା ତଳିଆ ଅଂଚଳର ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରୀକରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବରେ ଆଜି ରାତିରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଯାଇଛି। ଗଞ୍ଜାମ, ଗଜପତି, ପୁରୀ ଏବଂ ଜଗତସିଂହପୁର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ଏବଂ ଅନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବାତ୍ୟା ପୂର୍ବରୁ ୨୨,୭୦ରୁ ଉର୍ଦ୍ଧ୍ୱ ଡଙ୍ଗା ସମୁଦ୍ରରୁ ଫେରିଛନ୍ତି। ଡିସେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ସେହିପରି ଡିସେମ୍ବର ୪ ଓ ୫ ତାରିଖ ଦୁଇଦିନ ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ନଦୀରେ ଡଙ୍ଗା ଚଳାଚଳ ବନ୍ଦ କରିବା ପାଇଁ ଆଦେଶନାମା ଜାରି କରାଯାଇଛି। ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗର ବୋଟଗୁଡ଼ିକୁ ଗୋପାଳପୁର ବନ୍ଦରରେ ଆଶ୍ରୟ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୨୪୭ଟି ଉଦ୍ଧାରକାରୀ ଦଳଙ୍କୁ ନିୟୋଜିତ କରାଯାଇଛି। ଶକ୍ତି ବିଭାଗ ପକ୍ଷରୁ ଜିଲ୍ଲା ସ୍ତରରେ ବିଦ୍ୟୁତ ସରବରାହ କାର୍ଯ୍ୟ ତଦାରଖ କରିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ସେହିପରି ନଗର ଉନ୍ନୟନ ବିଭାଗ ଓ ପଂଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ଉଭୟ ସହରାଂଚଳ ଏବଂ ଗ୍ରାମାଂଚଳରେ ପାନୀୟ ଜଳ ଯୋଗାଇବା ନିମନ୍ତେ ଆବଶ୍ୟକୀୟ ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ଜଳସଂପଦ ବିଭାଗ ପକ୍ଷରୁ ଶାଳିଆ ମଧ୍ୟମ ଜଳସେଚନ ପ୍ରକଳ୍ପ ଜଳଭଣ୍ଡାରରେ ▶▶ପୃଷ୍ଠା ୭

# ମମିତା ମେହେର ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି

## ପ୍ରମାଣ ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ






ଭୁବନେଶ୍ୱର, ୦୩/୧୨ (ନି.ପ୍ର): କଳାହାଣ୍ଡି ସନ୍‌ସାଇନ୍ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାକୁ ୨ ମାସ ବିତିବା ପରେ ମୁହଁ ଖୋଲିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଧାନସଭାରେ ମମିତା ମେହେର ପ୍ରସଙ୍ଗକୁ ନେଇ ହଙ୍ଗାମା ଚାଲିଥିବା ବେଳେ ଏହି ପ୍ରସଙ୍ଗରେ ସେ ଶୁକ୍ରବାର ବିଧାନସଭାରେ ବିବୃତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି, "ଘଟଣାକୁ ଯେମିତି ରାଜନୀତିକରଣ କରାଯାଉଛି, ତାହା ମୋତେ ବ୍ୟଥିତ କରୁଛି। ପରିବାର ଲୋକଙ୍କ ନିବେଦନ ସତ୍ତ୍ୱେ ରାଜନୀତିକରଣ ଚାଲୁ ରହିଛି। ମହିଳା ଓ ସମ୍ବେଦନଶୀଳ ବର୍ଗଙ୍କୁ ନ୍ୟାୟ ପ୍ରତି ମୁଁ ସର୍ବଦା କାର୍ଯ୍ୟରତ। ବିନା ଭୟ ଓ ଦ୍ୱନ୍ଦ୍ୱରେ ପୁଲିସ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ପ୍ରମାଣ ଥିଲେ ଯିଏ ହେଉନା କାହିଁକି କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଇଛି। ଦାୟିତ୍ୱରେ ଯିଏ ବି ଅବହେଳା କରିଥିବ, ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଅବସରପ୍ରାପ୍ତ ଜିଲ୍ଲା ଜଜ ତଦନ୍ତ ପ୍ରକ୍ରିୟାର ତଦାରଖ କରିବେ। ହାଇକୋର୍ଟଙ୍କୁ ଏନେଇ ଅନୁରୋଧ କରିଥିଲେ ରାଜ୍ୟ ସରକାର। ନ୍ୟାୟିକ ତତ୍ତ୍ୱାବଧାନରେ ତଦନ୍ତ ଚାଲିଛି, ନ୍ୟାୟ ବ୍ୟବସ୍ଥା ପ୍ରତି ଆସ୍ଥା ରହୁ। କିଛି ପ୍ରମାଣ ଥିଲେ କୋର୍ଟଙ୍କୁ ଦିଅନ୍ତୁ। ଗୃହକୁ ଜଣେ ସଦସ୍ୟଙ୍କୁ ଆସିବାକୁ ବାଧା ଦିଆଯାଉଛି। ଏହା ଖରାପ ପରମ୍ପରା ସୃଷ୍ଟି କରୁଛି। ବିରୋଧୀଙ୍କୁ ନିବେଦନ କରୁଛି ଗୃହ କାର୍ଯ୍ୟରେ ସହଯୋଗ କରନ୍ତୁ। ମମିତା ମେହେରଙ୍କୁ ନ୍ୟାୟ ଦେବାକୁ ମୋ ସରକାର ଅଙ୍ଗୀକାରବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ବିବୃତିରେ କହିଛନ୍ତି।

# ପ୍ରଦୂଷଣ ନିୟନ୍ତ୍ରଣ କରିବ ଫ୍ଲାଇଂ ସ୍କ୍ୱାଡ ଓ ଟାସ୍କ ଫୋର୍ସ



ନୂଆଦିଲ୍ଲୀ,୦୩/୧୨: ଦିଲ୍ଲୀ ବାୟୁ ପ୍ରଦୂଷଣ ମାମଲାରେ ଦିଲ୍ଲୀ ସରକାର ଓ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ କେନ୍ଦ୍ରସରକାରଙ୍କ ତତ୍ପରତା ଦେଖାଦେଇଛି। ଉଚ୍ଚ ନ୍ୟାୟାଳୟଙ୍କ ଚରମବାଣି ପରେ କେନ୍ଦ୍ର ସରକାର କାର୍ଯ୍ୟକାରୀ ଟ୍ୟାକ୍ସ ଫୋର୍ସ ଗଠନ କରିଛନ୍ତି। ଦିଲ୍ଲୀ ବାୟୁ ପ୍ରଦୂଷଣ ପାଇଁ ଆକସନ ମୋଡରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର। ଦିଲ୍ଲୀ-ଏନସିଆରରେ ବଢୁଥିବା ବାୟୁ ପ୍ରଦୂଷଣକୁ ନେଇ ସର୍ବୋଚ୍ଚ ନାୟାଳୟ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ଦେଇଥିଲେ ଚରମବାଣୀ। ଖାଲି ସେତିକି ନୁହେଁ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ୨୪ ଘଂଟା ଭିତରେ ଆକ୍ସନ୍ ନେବାକୁ ଚେତାବନୀ ଦେଇଥିଲେ କୋର୍ଟ। ଏହାର ତୁରନ୍ତ ପ୍ରତିକ୍ରିୟାରେ ବାୟୁର ଗୁଣବତା ପରିଚାଳନା ଆୟୋଗ ରାଜଧାନୀ ଓ ଏହାର ଆଖପାଖ ଅଂଚଳରେ ବାୟୁରମାନକୁ ନିୟନ୍ତ୍ରଣରେ ଆଣିବା ପାଇଁ କାର୍ଯ୍ୟକାରୀ ଟ୍ୟାକ୍ସ ଫୋର୍ସ ଓ ଫ୍ଲାଇଙ୍ଗ ସ୍କାର୍ଡକୁ ନିୟୋଜିତ କରାଯାଇଛି। ଶୁକ୍ରବାର ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ରାଜଧାନୀରେ ନିର୍ମାଣ କାମ ବନ୍ଦ ରହିଥିବାବେଳେ ହସ୍ପିଟାଲ ଗୁଡ଼ିକର ନିର୍ମାଣ କାମ ଜାରି ରଖିବାକୁ କହିଛନ୍ତି ସର୍ବୋଚ୍ଚନାୟାଳୟ। ସରକାରଙ୍କ ଦ୍ୱାରା ବାୟୁ ପ୍ରଦୂଷଣକୁ ନେଇ ଅଣାଯାଇଥିବା ଗାଇଡଲାଇନ ନମାନିଲେ ଏଥର କାର୍ଯ୍ୟାନୁଷ୍ଠାନ ନିଆଯିବ। କୌଣସି ସଂସ୍ଥା କିମ୍ବା ▶▶ପୃଷ୍ଠା ୭

# ଦିଲ୍ଲୀ ହସ୍ପିଟାଲରେ ଭର୍ତ୍ତି ହେଲେ ୧୨ 'ଓମିକ୍ରନ' ସଂକ୍ରମିତ



ନୂଆଦିଲ୍ଲୀ,୦୩/୧୨: ଓମିକ୍ରନ'ସଂକ୍ରମିତ ଦେଶରୁ ଭାରତକୁ ଆସିଥିବା ୧୬ ହଜାର ଯାତ୍ରୀଙ୍କ ଉପରେ ନଜର ରଖିଛନ୍ତି ଭାରତ ସରକାର। ସେମାନଙ୍କ ମଧ୍ୟରୁ ୧୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ନମୁନାକୁ ଜିନୋମ ସିକ୍ୱେସିଂ ପାଇଁ ପଠାଯାଇଛି। ସେପଟେ ଦିଲ୍ଲୀରେ ୧୨ଜଣ ସନ୍ଦିଗ୍ଧ 'ଓମିକ୍ରନ' ସଂକ୍ରମିତ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ଠାରେ 'ଓମିକ୍ରନ' ଭଳି ଲକ୍ଷଣ ରହିଛି। ସେପଟେ ମହାରାଷ୍ଟ୍ରରେ ମଧ ୨୮ଜଣଙ୍କ ଠାରେ ଏହି ଭୂତାଣୁ ଥିବା ସନ୍ଦେହ କରାଯାଉଛି। କିନ୍ତୁ ସୌଭାଗ୍ୟର କଥା ହେଉଛି, ସେମାନଙ୍କ ଠାରେ ସାମାନ୍ୟ ଲକ୍ଷଣ ରହିଛି ଓ କେହି ଗୁରୁତର ହୋଇନାହାନ୍ତି। ଗୁରୁବାର ଦିନ କର୍ଣ୍ଣାଟକରେ ଓମିକ୍ରନ ଭୂତାଣୁ ଆକ୍ରାନ୍ତ ଚିହ୍ନଟ ହେବା ପରେ ପୂରା ଭାରତରେ ତତ୍ପରତା ପ୍ରକାଶ ପାଇଛି। ଦିଲ୍ଲୀରେ ଓମିକ୍ରନ ସନ୍ଦେହରେ ଗତ ଦୁଇ ଦିନରେ ୧୨ ଜଣଙ୍କୁ ଲୋକନାୟକ ଜୟପ୍ରକାଶ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଯେଉଁ ୪ ଜଣ ସନ୍ଦେହ ଘେରକୁ ଆସିଛନ୍ତି, ସେମାନେ ସମସ୍ତେ ବିଦେଶ ଫେରନ୍ତା। ସେହିପରି ମହାରାଷ୍ଟ୍ରରେ ୨୮ ଜଣ ଓମିକ୍ରନରେ ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଉଛି। ଏମାନଙ୍କ ମଧ୍ୟରେ ୧୦ ଜଣ ମୁମ୍ବାଇରେ ଅଛନ୍ତି। ଏ ସମସ୍ତଙ୍କର ନମୁନା ଜିନମ୍ ସିକ୍ୱେନସିଂ ▶▶ପୃଷ୍ଠା ୭

## ମମିତା ମେହେର ହତ୍ୟା ମାମଲା : ହାଇକୋର୍ଟରେ ଷ୍ଟାଟସ ରିପୋର୍ଟ ଦାଖଲ

ନୂଆଦିଲ୍ଲୀ,୦୩/୧୨: ମମିତା ମେହେର ହତ୍ୟା ମାମଲାରେ ହାଇକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କଲେ ରାଜ୍ୟ ସରକାର। ମୁଦା ଲଫାଫାରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଇଛି। ପୂର୍ବରୁ ମାମଲାର ଶୁଣାଣି କରି ତଦନ୍ତର ଅଗ୍ରଗତି ନେଇ ସରକାରଙ୍କୁ ଷ୍ଟାଟସ୍ ରିପୋର୍ଟ ମାଗିଥିଲେ ହାଇକୋର୍ଟ। ଆସନ୍ତା ୨୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେହିପରି ମମିତା ଘଟଣାରେ ଆଉ ଏକ ଇଂଟରଭେନ୍ସନ୍ ପିଟିସନ୍ ଦାଖଲ ହୋଇଛି। ସେପଟେ, ବିଧାନସଭାର ଶୀତକାଳୀନ ଅଧିବେଶନର ତୃତୀୟ ଦିନରେ ବି ଗୃହରେ ମମିତା ଝଡ଼ ଉଠିଛି। ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଲଗାତାର ଦ୍ୱିତୀୟ ଦିନ ପାଇଁ କଂଗ୍ରେସ ଓ ବିଜେପି ସଦସ୍ୟ ହଟଗୋଳ କରିଥିଲେ। ଏହାଫଳରେ, ପୂର୍ବାହ୍ନ ସାଢ଼େ ୧୧ଟା ଯାଏଁ ବିଧାନସଭାକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି। ଏହାପରେ ସମାନ ପରିସ୍ଥିତି ଉପୁଜିବାରୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ଅପରାହ୍ଣ ୪ଟା ଯାଏଁ ମୁଲତବୀ ଘୋଷଣା କରିଛନ୍ତି।

# ସମ୍ଭାବ୍ୟ ବାତ୍ୟା ନେଇ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ : ଧର୍ମେନ୍ଦ୍ର



ଭୁବନେଶ୍ୱର, ୦୩/୧୨ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ନେଇ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ପ୍ରଶାସନ ଦ୍ୱାରା ଜାରୀ କରାଯାଇଥିବା ସତର୍କ ସୂଚନାକୁ ପାଳନ କରିବା ଏବଂ ଧୈର୍ଯ୍ୟ ଓ ସାହାସର ସହ ବାତ୍ୟାକୁ ମୁକାବିଲା କରିବା ଏହା କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଟ୍ୱିଟ କରି କହିଛନ୍ତି ଯେ - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନେତୃତ୍ୱରେ ଭାରତ ସରକାର ସମ୍ଭାବ୍ୟ ବାତ୍ୟା ଜୱାଦର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ପ୍ରଧାନମନ୍ତ୍ରୀଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ସମୀକ୍ଷା ବୈଠକରେ ଓଡ଼ିଶା ସମେତ ପ୍ରଭାବିତ ଅଂଚଳର ନାଗରିକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତରଣ କରିବା ଉପରେ ▶▶ପୃଷ୍ଠା ୭

# ମମିତା ମେହେର ମାମଲାକୁ ନେଇ ତୃତୀୟ ଦିନରେ ବିଧାନସଭା ଅଚଳ



ଭୁବନେଶ୍ୱର, ୦୩/୧୨ (ନି.ପ୍ର): ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନର ତୃତୀୟ ଦିନରେ ମଧ୍ୟ ମମିତା ମେହେର ହତ୍ୟା ମାମଲାରେ ଗୃହ ବିଭାଗର ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ହଟ୍ଟଗୋଳ କାରଣରୁ ବିଧାନସଭାରେ ପ୍ରଥମାର୍ଦ୍ଧ ବୈଠକରେ କୌଣସି କାମ ହୋଇ ପାରି ନାହିଁ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ଦୁଇ ଥର ମୁଲତବୀ ରଖିଥିଲେ। ବାଚସ୍ପତି ପ୍ରଥମେ ୧୧.୩୦ ଯା ଏ ପରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ବିବୃତି ଦେଇଥିଲେ। ଏହାପରେ ଗୃହ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ହୋଇଥିଲା। ଆଜି ୧୦.୩୦ଟାରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନେ ହାତରେ ପ୍ଲାକାର୍ଡ ଧରି ମମିତା ମେହେର ମାମଲାରେ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବାଚସ୍ପତି ସେମାନଙ୍କୁ ଏପରି ନ କରିବାକୁ ଅନୁରୋଧ କରିଥିଲେ। ହେଲେ ବିରୋଧୀ ବିଧାୟକ ମାନେ ତାଙ୍କର କଥା ଶୁଣି ନ ଥିଲେ। ତେଣୁ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରଖିଥିଲେ। ଏହା ପରେ ୧୧.୩୦ରେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତେବେଳେ ପୁଣି ସେହି ସମାନ ସ୍ଥିତି ଉପୁନ୍ନ ହୋଇଥିଲା। ▶▶ପୃଷ୍ଠା ୭

# ମମିତା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ବିବୃତିକୁ ବିଜେପିର ପ୍ରତ୍ୟାଖ୍ୟାନ

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ବିଧାନସଭାରେ ଶିକ୍ଷୟିତ୍ରୀ ମମିତା ମହେର ପ୍ରସଙ୍ଗରେ ଚଲାଯାଇଥିବା ମୁଖ୍ୟମନ୍ତ୍ରୀଙ୍କର ଛଳନାପୂର୍ଣ୍ଣ ଭିଡିଓ ବିବୃତି ମିମତାଙ୍କ ପରିବାରକୁ ନ୍ୟାୟ ନୁହେଁ ବରଂ ଦିବ୍ୟଶଙ୍କର ମିଶ୍ରଙ୍କୁ ବଂଚାଇବା ପାଇଁ ହୋଇଥିବା ଅପଚେଷ୍ଟା ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ବିବୃତିକୁ ବିଜେପି ବିଧାୟକ ଦଳ ପକ୍ଷରୁ ପ୍ରତ୍ୟାଖାନ କରାଯାଉଛି ବୋଲି କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏବଂ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର। ଉଭୟ ନେତା କହିଛନ୍ତି ଯେ, ମମିତା ମେହେର ହତ୍ୟା ଘଟଣାର ପାଖାପାଖି ୨ ମାସ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ନୀରବତା ଓଡ଼ିଶାବାସୀଙ୍କୁ ଦୁଃଖିତ ଓ ବିଚଳିତ କରିଛି। ଆଜିର ବିଧାନସଭା ବିବୃତିରୁ ସ୍ପଷ୍ଟ ଜଣାପଡୁଛି ଯେ, ମୁଖ୍ୟମନ୍ତ୍ରୀଙ୍କର ମମିତା ପ୍ରତି ଦରଦ ନାହିଁ ଏବଂ ନିଜ ମନ୍ତ୍ରୀମଣ୍ଡଳର ସହଯୋଗୀ ଦିବ୍ୟଶଙ୍କରଙ୍କୁ ସୁରକ୍ଷା ଦେବାର ମୂଳ ଉଦ୍ଦେଶ୍ୟ ରହିଛି। ମମିତା ମେହେର ବିଭତ୍ସ ହତ୍ୟାକାଣ୍ଡକୁ ଅଘଟଣ କହି ମୁଖ୍ୟମନ୍ତ୍ରୀ ତାଙ୍କ ଦଳର କର୍ମୀ ଓ ମନ୍ତ୍ରୀଙ୍କ ଦ୍ୱାରା ସୁପରିକଳ୍ପିତ ହତ୍ୟାକାଣ୍ଡକୁ ହାଲୁକା ଭାବେ ଦର୍ଶାଇବା ପାଇଁ ଅପଚେଷ୍ଟା କରିଛନ୍ତି। ଯଦି ମମିତା ଭଳି ପୀଡ଼ିତାଙ୍କ ପାଇଁ ନ୍ୟାୟ ମାଗିବା "ରାଜନୀତିକରଣ" ତା' ହେଲେ ମୁଖ୍ୟମନ୍ତ୍ରୀଙ୍କର ଅଞ୍ଜନା ଗଣଦୁଷ୍କର୍ମରେ ଜାନକୀ ସରକାର ବିରୁଦ୍ଧରେ ଅଗ୍ରଣୀ ଭୂମିକା ରାଜନୀତିକରଣ ଥିଲା କି ? ଶୁଣାଣୀର ପ୍ରକ୍ରିୟା ଫାଷ୍ଟ ଟ୍ରାକ୍ ସେତେବେଳେ ହୋଇପାରିବ ଯେତେବେଳେ ତଦନ୍ତ ନିରପେକ୍ଷ ବିନା ଚାପରେ ଏବଂ ସମୟସାରଣୀ ଭିତରେ ସମ୍ପନ୍ନ ହେବ। କିନ୍ତୁ ଗୃହ ରାଷ୍ଟ୍ର ମନ୍ତ୍ରୀ ଭାବରେ ତାଙ୍କର ପଦବୀରେ ଥିଲେ, ସେତେବେଳ ଯାଏ ନିରପେକ୍ଷ ତଦନ୍ତ ହୋଇପାରିବ ନାହିଁ। ମୁଖ୍ୟମନ୍ତ୍ରୀ ତଦନ୍ତକୁ କୌଣସି ସମୟ ସୀମା ମଧ୍ୟରେ ସରିବାର କଥା ନ କହି କେବଳ ଫାଷ୍ଟଷ୍ଟ୍ରାକ୍ କଥା କହିବା ଓଡ଼ିଶାବାସୀଙ୍କୁ ଭୂଆଁ ବୁଲାଇବା ସଦୃଶ। ନିଜର ଦାଗୀ ମନ୍ତ୍ରୀଙ୍କୁ ବହିଷ୍କାର ନକରି ତାଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ତଦନ୍ତକାରୀ ପୋଲିସ ବିଭାଗକୁ ସ୍ପଷ୍ଟ ଯାଏଁ ନିର୍ଦ୍ଦେଶ ଦେଇଛନ୍ତି ଯେ ମନ୍ତ୍ରୀଙ୍କୁ ବାଦ୍ ଦେଇ ତଦନ୍ତ କର। ଆମ୍ଭେ ମୁଖ୍ୟମନ୍ତ୍ରୀଙ୍କ ଏ ବିବୃତିକୁ ଭତ୍ସନା କରୁଛୁ। ମମିତା ହତ୍ୟାକାଣ୍ଡରେ ବିବୃତି ଦେବା ଆଳରେ ମୁଖ୍ୟମନ୍ତ୍ରୀ ବାତ୍ୟା, କୋଭିଡ୍ ମହାମାରୀ, ଚାଷୀ ପ୍ରସଙ୍ଗ, ଗ୍ରାମୀଣ ଆବାସ ଯୋଜନା, ଏଲପିଜି ▶▶ପୃଷ୍ଠା ୭

# ବାତ୍ୟା ପାଇଁ ଅଧାରୁ ବନ୍ଦ ହେଲା କୋଣାର୍କ ଉତ୍ସବ

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ବାତ୍ୟା ଜୱାଦ ପାଇଁ ଅଧାରୁ ବନ୍ଦ ହୋଇଛି କୋଣାର୍କ ଉତ୍ସବ ଓ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ। କୋଣାର୍କ ଠାରେ ଗତ ୧ ତାରିଖରୁ କୋଣାର୍କ ଉତ୍ସବ ୨୦୨୧ ଆରମ୍ଭ ହୋଇଥିବା ବେଳେ ଚନ୍ଦ୍ରଭାଗା ଠାରେ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଆରମ୍ଭ ହୋଇଥିଲା। ଶୁକ୍ରବାର ଦିନ ବଙ୍ଗୋପସାଗରେ ସୃଷ୍ଟ ଅବପାତ ବାତ୍ୟାର ରୂପ ନେଇଛି। ଭାରତୀୟ ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ ସମ୍ଭାବ୍ୟ ବାତ୍ୟା ଜୱାଦ ପୁରୀ ଠାରେ ସ୍ଥଳଭାଗ ଛୁଇଁପାରେ। ଏହାର ପ୍ରଭାବରେ ପ୍ରବଳ ବର୍ଷା ଓ ପ୍ରବଳ ବେଗରେ ପବନ ବହିବାର ସମ୍ଭାବନା ରହିଛି। ବାତ୍ୟାକୁ ଦେଖି ୨ଟି ଯାକ ଉତ୍ସବକୁ ଶୁକ୍ରବାରଠୁ ବନ୍ଦ ରଖିବାକୁ ପର୍ଯ୍ୟଟନ ବିଭାଗ ନିଷ୍ପତି ନେଇଛି।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ବିଏମସିର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ଜୱାଦ ମୁକାବିଲା ନେଇ ବିଏମସି କମିଶନର ସଞ୍ଜୟ ସିଂଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ବିଏମସି ଇଲାକାରେ ମୋଟ ୭୨ଟି ଖାଲୁଆ ଅଂଚଳ ଚିହ୍ନଟ କରାଯାଇଛି। ଆବଶ୍ୟକ ସ୍ଥଳେ ଚିହ୍ନଟ ସମ୍ବେଦନଶୀଳ ଅଂଚଳରୁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବ୍ୟବସ୍ଥା ହୋଇଛି। ଶତାଧିକ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଶୃଙ୍ଖଳା ଓ ରନ୍ଧା ଖାଦ୍ୟ, ପାଣି ଓ ବିଦ୍ୟୁତ ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦିଆଯାଇଛି। ୨୭ଟି ଜଳମଗ୍ନ ସ୍ଥାନରେ ମୋଟର ପମ୍ପ ସହ ବିଏମସି ଓ ଅଗ୍ନିଶମ ବିଭାଗର କର୍ମଚାରୀ ପ୍ରସ୍ତୁତ ରହିଛନ୍ତି। ▶▶ପୃଷ୍ଠା ୭

# ବାତ୍ୟା ପାଇଁ ସରକାରୀ କର୍ମଚାରୀଙ୍କ ରବିବାର ଛୁଟି ବାତିଲ୍

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବାତ୍ୟା 'ଜୱାଦ'କୁ ଦୃଷ୍ଟିରେ ରଖି ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଆସନ୍ତା ରବିବାର ଦିନ ସାପ୍ତାହିକ ଛୁଟିକୁ ବାତିଲ୍ କରାଯାଇଛି। ସମସ୍ତ କର୍ମଚାରୀଙ୍କୁ ହେଡକ୍ୱାଟରରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ଛୁଟିରେ ଥିବା କର୍ମଚାରୀଙ୍କୁ ଛୁଟି ବାତିଲ୍ କରି ଫେରିଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି)ଙ୍କ ତରଫରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଲୋୟର ଶୁକତେଲ ଜଳ ପ୍ରକଳ୍ପ କାମ ଆରମ୍ଭ : ପୁନର୍ବାସ ଅସୁବିଧା ହୋଇପାରେ

ବଲାଙ୍ଗୀର,୩/୧୨ (ନି.ପ୍ର): ବହୁ ବାଦବିବାଦ ପରେ ପୁଣି ଆରମ୍ଭ ହୋଇଛି ବଲାଙ୍ଗୀରର ଲୋୟର ଶୁକତେଲ ଜଳପ୍ରକଳ୍ପ କାମ । ସ୍ୱପ୍ନର ଏହି ପ୍ରକଳ୍ପ ପାଇଁ ୨୯ଟି ଗାଁର ୧୦ ହଜାର ୬୦୦ ପରିବାର ଭିଟାମାଟି ଛାଡୁଛନ୍ତି । ସରକାର ଏମାନଙ୍କୁ ଉଚିତ୍ ଥଇଥାନର ପ୍ରତିଶ୍ରୁତି ଦେଇ ବିସ୍ଥାପନ କାମ ଆରମ୍ଭ କରିଛନ୍ତି । ଏଥିପାଇଁ ସହର ମଧରେ ପୁନର୍ବାସ ଥଇଥାନ କଲୋନୀ ତିଆରି ହୋଇଛି । ଯେଉଁଥିରେ ବିସ୍ଥାପିତଙ୍କୁ ସରକାର ଜାଗା ଯୋଗାଇ ଦେଇଛନ୍ତି । ହେଲେ କେବଳ କଲୋନୀଟିଏ କରି ସରକାର ସବୁ ଦାୟିତ୍ୱରୁ ହାତ ଧୋଇ ଦେଲା ଭଳି ଲାଗୁଛି । କାରଣ ବିସ୍ଥାପିତଙ୍କ ପାଇଁ ନା ସେଠାରେ ପକ୍କା ରାସ୍ତାଟିଏ ରହିଛି ନା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା । କେବଳ ଏତିକି ନୁହେଁ, କଲୋନୀର ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନଥିବା ଯୋଗୁଁ ଏଠାରେ ଚୋରି ଡକାୟତି ବଢୁଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି ଲୋକେ । ଶୁକତେଲ ପ୍ରକଳ୍ପ କାମ ଆରମ୍ଭ ହୋଇଛି, ତେବେ ଏଥିରେ ବାଧକ ସାଜିପାରେ ବିସ୍ଥାପିତ ସମସ୍ୟା । ବଲାଙ୍ଗୀର ବହୁ ପ୍ରତୀକ୍ଷିତ ଲୋୟର ସୁକତେଲ ପ୍ରକଳ୍ପରେ ୧୫ ଗାଁ ସମ୍ପୂର୍ଣ୍ଣ ଜଳମଗ୍ନ ହେବ ଏବଂ ୧୪ ଟି ଗାଁ ଆଂଶିକ ବୁଡିବ । ଏହି ପ୍ରକଳ୍ପରେ ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ଆନ୍ଦୋଳନ ଓ ଦାବି ଯୋଗୁଁ ୨୧ ବର୍ଷ ହେଲାଣି କାମ ଅଟକି ରହିଥିଲା । ହେଲେ ଶେଷରେ ସରକାର ଦାବି ପୂରଣର ପ୍ରତିଶ୍ରୁତି ଦେବା ପରେ ଲୋକ ଭିଟାମାଟି ଛାଡିଛନ୍ତି । ଏବେ ବି ୪ ଗାଁରେ ବିସ୍ଥାପନ ପ୍ରକ୍ରିୟା ଜାରି ରହିଛି । ହେଲେ ଏବେ ପୁଣି ବିସ୍ଥାପିତଙ୍କ ପ୍ରତି ସରକାରଙ୍କ ଅବହେଳା ପ୍ରକଳ୍ପ ବାଟରେ କଂଟା ହେବାକୁ ବସିଛି । କଲୋନୀରେ ରାସ୍ତାଘାଟ ଠୁ ଆରମ୍ଭ କରି ନାଳ ନର୍ଦ୍ଦମା ଯାଏଁ କ୍ଷେତ୍ରରେ ଲୋକେ ସମସ୍ୟା ଭୋଗୁଥିବାର ଅଭିଯୋଗ ଆସିଛି । ଏହାଛଡା ବିସ୍ଥାପିତ କଲୋନୀରେ ସ୍କୁଲ ଡାକ୍ତରଖାନା ଭଳି ସୁବିଧା ଏ ଯାଏଁ ସରକାର ଯୋଗାଇ ଦେଇ ନାହାନ୍ତି ବୋଲି ମଧ ଏମାନେ କହିଛନ୍ତି । ତେଣୁ ଏହିସବୁ ସୁବିଧା ଖୁବଶୀଘ୍ର ଯୋଗାଇ ଦେବାକୁ ବିସ୍ଥାପିତ ଦାବି କରିଛନ୍ତି । ଅନ୍ୟପଟେ ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ଥଇଥାନ ବ୍ୟବସ୍ଥା କରାଯାଉଥିବାର କହିଛି ଜିଲ୍ଲା ପ୍ରଶାସନ । ବର୍ତ୍ତମାନ ଯାହାସବୁ ଅଭିଯୋଗ ଆସୁଛି ତାହାର ଖୁବଶୀଘ୍ର ସମସ୍ୟା ସମାଧାନ ହେବ ଏବଂ ଏବେ ବି ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବାକୁ କାର୍ଯ୍ୟ ଜାରି ରହିଥିବା ପ୍ରଶାସନ କହୁଛି । ବିସ୍ଥାପିତଙ୍କୁ ଉଚିତ୍ ଥଇଥାନ କରିବା ଆଇନ ଅନୁସାରେ ମଧ ଜରୁରୀ ଥିବାବେଳେ ଏହା ଏମାଙ୍କର ଅଧିକାର ମଧ । ତେଣୁ ସରକାର ସଠିକ୍ ଭାବେ ବିସ୍ଥାପିତଙ୍କ ଥଇଥାନ ବ୍ୟବସ୍ଥା କରି ବିସ୍ଥାପିତଙ୍କୁ ବ୍ୟବସ୍ଥିତ ସୁବିଧା ଯୋଗାଇ ଦେବା ସହ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବାକୁ ମତପ୍ରକାଶ ପାଉଛି ।

# ବାତ୍ୟା ମୁକାବିଲା ପାଇଁ କଣାସ ବ୍ଲକ ପ୍ରଶାସନର ପ୍ରସ୍ତୁତି ବୈଠକ

କଣାସ,୩/୧୨ (ନି.ପ୍ର): ଆସନ୍ତା ୪ ତାରିଖ ସାମୁଦ୍ରିକ ଘୁର୍ଣ୍ଣିଝଡ଼ ଜୱାଦ୍ ଉପକୂଳ ଛୁଇଁବାର ସମ୍ଭାବନା ଥିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ଚିଲିକା ଉପକୂଳରେ ଅବସ୍ଥିତ କଣାସ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଲୋଚନ ଦାସଙ୍କ ଅଧକ୍ଷତାରେ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା, କଣାସ ଥାନା ଆଇଆଇସି ସୁଜିତ୍ ଦାସ, ପାନୀୟଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ, କଣାସ ବ୍ଲକ ଶିକ୍ଷାଧିକାରୀ ମିନକେତନ ସାମନ୍ତରାୟ, ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଅଗ୍ନିଶମ ଅଧିକାରୀ ସୁବାସ କୁମାର ପାତ୍ର ଯୋଗଦେଇଥିଲେ । ଯଦି ସାମୁଦ୍ରିକ ଝଡ଼ ପୁରୀ ଉପକୂଳରେ ସ୍ଥଳଭାଗକୁ ଛୁଇଁବାର ସମ୍ଭାବନା ହୁଏ ତୁରନ୍ତ ପୋଲିସ୍ ବିଭାଗ ପକ୍ଷରୁ ସମସ୍ତ କଚାଘର ଲୋକାମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳି ଓ ବିଦ୍ୟାଳୟ ଗୃହକୁ ସ୍ଥାନାନ୍ତରିତ କରିବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ । ସେହିପରି ରାସ୍ତାଘାଟରେ ଗଛ ପଡିଲେ ଅଗ୍ନିଶମ ବିଭାଗ ପକ୍ଷରୁ ଯୁଦ୍ଧକାଳିନ ଭିତିରେ ଗଛକାଟି ରାସ୍ତା ସଫା କରିବା, ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇବା ପାଇଁ ପ୍ରସ୍ତୁତି ହୋଇରହିବା, ବାତ୍ୟାଆଶ୍ରୟସ୍ଥଳିରେ ରହିଥିବା ଲୋକମାନଙ୍କୁ ଚୁଡ଼ା, ଗୁଡ଼ ଯୋଗଦେବା ପାଇଁ ଚୁଡ଼ା ଓ ଗୁଡ଼ ମହଜୁଦ ହୋଇରହିଥିବା ବିଡିଓ ଶ୍ରୀ ଦାସ ସୂଚନା ଦେଇଥିଲେ । ବାତ୍ୟା ସମୟରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ପ୍ରତି ତିକ୍ଷ୍ମ ଦୃଷ୍ଟି ରଖିବାକୁ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ । ବାତ୍ୟା ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ପର୍ବ ଆଜି ଶେଷ ହୋଇଯାଇଛି ।

# ଦୟାନଦୀକୁ ଚିରସ୍ରୋତା କରିବା ପାଇଁ ଦାବି

କଣାସ,୩/୧୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଦେଇ ପ୍ରବାହିତ ହେଉଥିବା ମୁଖ୍ୟନଦୀ ଦୟାର ଶଯ୍ୟା ଦୀର୍ଘଦିନ ହେଲା ପୋତି ହୋଇପଡିଥିବାରୁ ନଦୀରେ ବର୍ଷକେ ୮ ମାସ ପାଣି ଆସୁନାହିଁ । ନଦୀପଠାରେ ପରିବା ଚାଷ କରି ଚଳୁଥିବା ଚାଷୀମାନେ ଏବେ ଚିନ୍ତାରେ ପଡିଯାଇଛନ୍ତି । ଏହାକୁ ଖନନ କରାଯାଇ ଦୟାନଦୀକୁ ଚିରସ୍ରୋତା କରିବାକୁ ଦାବି ହେଉଛି । ସୂଚନା ଯୋଗ୍ୟ, ଚିରସ୍ରୋତା କୁଆଖାଇ ନଦୀର ଶାଖାନଦୀ ହେଉଛି ଦୟାନଦୀ । ଖୋର୍ଦ୍ଧା ଜିଲ୍ଲା ବାଳକାଟି ନିକଟ ସରଦେଇପୁର ଠାରେ କୁଆଖାଇରୁ ବାହାରି ଦୟାନଦୀ ଧଉଳି, ତିରିମଲ୍ଲ, ଘୋରଡିଆ, ତ୍ରିଲୋଚନପୁର, କଣାସ, ଜଙ୍କିଆ, ଗଡିଶାଗୋଦା ପ୍ରଭୃତି ଅଂଚଳ ଦେଇ ଦିର୍ଘ ୬୦ କି.ମି ଅତିକ୍ରାନ୍ତ କଲାପରେ ଚିଲିକାରେ ମିଶିଛି । ଦୟାନଦୀର ଶାଖାନଦୀ ରାଜୁଆ ଚିରସ୍ରୋତା ହୋଇଥିବା ବେଳେ ତିରିମଲ୍ଲଠାରେ ନୂଆଦୋକନ୍ଦା ପର୍ଯ୍ୟନ୍ତ ୨୫ କି.ମି. ଦୟାନଦୀର ଶଯ୍ୟା ବାଲି ଓ ପଟୁମାଟିରେ ପୋତି ହୋଇପଡିଛି । ଫଳରେ ବର୍ଷର ୮ ମାସ ଦୟାନଦୀ ଶୁଖିଲା ପଡୁଥିବା ବେଳେ ରାଜୁଆ ନଦୀରେ ଜଳ ପ୍ରବାହିତ ହେଉଛି । ବଡ ଧରଣର ବନ୍ୟା ଆସିଲେ ବନ୍ୟାଜଳ ନିଷ୍କାସନରେ ବ୍ୟାଘତ ସୃଷ୍ଟିହୋଇ ବହୁଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହ ଧନଜୀବନ ନଷ୍ଟ ହେଉଛି । ମଧମ ଧରଣର ବନ୍ୟା ଆସିଲେ ଭଲ ଫସଲ ହୋଇଥାଏ । ପରିବର୍ତ୍ତୀ ୮ମାସ ନଦୀ ଶୁଖିଯିବା ଫଳରେ ନଦୀକୂଳରେ ବସବାସ କରୁଥିବା ଜଟଣି, ଡେଲାଙ୍ଗ, କଣାସ ବ୍ଲକର ୨୫ରୁ ଅଧିକ ଗ୍ରାମପଚାଂୟତର ଜନସାଧାରଣ ଜଳ ଅଭାବର ସମ୍ମୁଖିନ ହୁଆନ୍ତି । ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ନଦୀପଠାରେ କଖାରୁ, ବାଇଗଣ, ଟମାଟୋ, ପୋଟଳ, କଲରା, ଲଙ୍କା, ମୂଳା, କୋସଳାଶାଗ, ଧନିଆପତ୍ର, ଫୁଲକୋବି, ପତ୍ରକୋବି ପ୍ରଭୃତି ଚାଷରୁ ବଂଚିତ ହେଉଛନ୍ତି । ଦିନଥିଲା ଏହି ନଦୀପଠାରୁ ବିପୁଳ ପରିମାଣର ପରିବା ଟ୍ରକ୍ ଟ୍ରକ୍ ହୋଇ ରାଜ୍ୟ ବାହାର ବିଭିନ୍ନ ସ୍ଥାନକୁ ଯାଉଥିଲା । ମାତ୍ର ନଦୀ ଶଯ୍ୟା ପୋତି ହୋଇପଡିବାରୁ ନଦୀକୂଳ ଚାଷୀମାନେ ପରିବା ଫସଲରୁ ବଂଚିତ ହେଉଛନ୍ତି । ତିରିମଲ୍ଲ ଠାରୁ ନୂଆଦୋକନ୍ଦା ପର୍ଯ୍ୟନ୍ତ ପୋତି ହୋଇପଡିଥିବା ନଦୀ ଶଯ୍ୟା ଖନନ କରାଗଲେ କଣାସ ଡେଲାଙ୍ଗ, ଜଟଣି ବ୍ଲକର ୬୦ ହଜାର ଏକର ଚାଷଜମିକୁ ଜଳସେଚନ ସୁବିଧା ହୋଇପାରନ୍ତା । ଏପରି ସ୍ଥିତିରେ ତୁରନ୍ତ ଦୟାନଦୀକୁ ଖନନ କରାଯାଇ ଚିରସ୍ରୋତା କରିବାକୁ ବିଭିନ୍ନ କୃଷକ ସଂଗଠନ ଓ ସମାଜସେବୀ ସୁକାନ୍ତ ସାମନ୍ତରାୟ, ସମାଜସେବୀ ଶ୍ରୀକାନ୍ତ ପଟ୍ଟଯୋଷୀ ଦାବି କରିଛନ୍ତି ।

## ଗ୍ୟାସ ଟାଙ୍କି ଫାଟି ତିନି ବଖରା ଘର ଭସ୍ମିଭୂତ

କୋରାଇ,୩/୧୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତଅଧିନସ୍ଥ ମଙ୍ଗଳା ପାଟଣା ଗ୍ରାମରେ ଜୟନ୍ତ ପାଢୀଙ୍କ ଘରେ ଆଜି ସନ୍ଧ୍ୟାରେ ଧୂପ ଓ ଦୀପ ଦିଆଯାଇଥିଲା । ମାତ୍ର କୌଣସି ମତେ ନିଆଁ ଗ୍ୟାସକୁ ଯାଇଥିଲା । ଫଳରେ ଗ୍ୟାସ ଟାଙ୍କିଟି ଫାଟି ଯାଇଥିଲା । ଫଳରେ ତିନି ବଖରା ଚାଳ ଘର ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଥିଲା । ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି । ଦମକଳ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ ।

# ମାଓବାଦୀଙ୍କ ପିଏଲଜିଏ ସପ୍ତାହ ଆରମ୍ଭ: ସରକାରୀ ବସ୍ ଚଳାଚଳ ବନ୍ଦ

ମାଲକାନଗିରି,୩/୧୨ (ନି.ପ୍ର): ପ୍ରତି ବର୍ଷ ପରି ଆଜି ଠାରୁ ମାଓବାଦୀ ମାନେ ପିଏଲଜିଏ ସପ୍ତାହ ପାଳନ ଆରମ୍ଭ କରିଛନ୍ତି । ଡିସେମ୍ବର ୨ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରିବା ଲାଗି ମାଓବାଦୀ ମାନେ ଆହ୍ୱାନ ଦେଇଛନ୍ତି । ଜିଲ୍ଲାର ଦୁର୍ଗମ ଅଂଚଳରେ ପୋଷ୍ଟର ଏବଂ ବ୍ୟାନର ମାରି ପିଏଲଜିଏ ସପ୍ତାହ ପାଳନ କରିବାକୁ ନିର୍ଦ୍ଦଶେ ଜାରି କରିଛନ୍ତି । ପିଏଲଜିଏ ସପ୍ତାହକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ମାଲକାନଗିରି ଜିଲ୍ଲାର ସମସ୍ତ ସୀମାକୁ ସିଲ୍ କରି ଗମନାଗମନ ଉପରେ ତୀକ୍ଷ୍ମ ନଜର ରଖିଛି । ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ବିଏସଏଫ,ଏସଓଜି, ଡିଭିଏଫ ଯବାନମାନେ ଜୋରଦାର କୁମ୍ବିଂ ଅପରେସନ ଜାରୀ ରଖିଛନ୍ତି । ସୀମାରେ ଅଚିହ୍ନା ଲୋକଙ୍କର ଯାନବାହାନ ଯାଞ୍ଚ କରାଯାଉଛି । କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ପୋଲିସ ବିଭାଗର ଗୁଇନ୍ଦା ସଂସ୍ଥାକୁ ସଜାଗ ରହିବାକୁ ନିର୍ଦ୍ଦଶେ ଦିଆଯାଇଛି । ମାଓବାଦୀ ପିଏଲଜିଏ ସପ୍ତାହ ପାଳନ ସମୟରେ ଯେକୌଣସି ହିଂସାକାଣ୍ଡର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ । ତେଣୁ ଦୁର୍ଗମ ଅଂଚଳରେ ଲୋକମାନେ ଭୟ ଓ ଆତଙ୍କରେ ରହିଥିବା ଦେଖିବାକୁ ମିଳିଛି । ମାଓବାଦୀଙ୍କୁ ନଡରି ଯାନବାହାନ ନିର୍ଭୟରେ ମାଲକାନଗିରିର ଯେ କୌଣସି ସ୍ଥାନକୁ ଚାଳନା ଅବ୍ୟାହତ ରଖିବା ପାଇଁ ପୋଲିସ ଜନସାଧାରଣଙ୍କୁ ଆହ୍ୱାନ କରିଛି । ସୂଚନାଯୋଗ୍ୟ ଯେ, ପିଏଲଜିଏ ସପ୍ତାହ ପାଳନ ଯୋଗୁଁ ମାଲକାନଗିରି ଜିଲ୍ଲାକୁ ସରକାରୀ ବସ୍ ଗୁଡିକର ଯାତାୟତକୁ ବାତିଲ୍ କରି ଦିଆଯାଇଛି । ଅନ୍ୟଦିଗରେ ପୁଲିସ ସ୍ୱାଭିମାନ ଅଂଚଳରେ ନକ୍ସଲଙ୍କୁ ଦମନ କରିବା ପାଇଁ ବିଏସଏଫ କ୍ୟାମ୍ପଗୁଡିକ ପ୍ରତିଷ୍ଠା କରୁଛି । ସ୍ୱାଭିମାନ ଅଂଚଳର ୭ଟି ସ୍ଥାନରେ ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା କରାଯାଇଥିବା ବେଳେ ଆହୁରି ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା ନେଇ ଆଲୋଚନା ଚାଲିଥିବା ଜଣାପଡିଛି । ସ୍ୱାଭିମାନ ଅଂଚଳରେ ମାଓବାଦୀଙ୍କୁ ଦମନ କରିବା ନେଇ ପୁଲିସର ଲଗାତାର ସଫଳତାରେ ମାଓବାଦୀ ହିଂସାତ୍ମକ ହୋଇପଡିଛନ୍ତି । ସେମାନଙ୍କ ଗତିବିଧି ଉପରେ ରୋକ୍ ଲଗାଇବାରେ ସୁରକ୍ଷାକର୍ମୀ ଦିନରାତି ଏକ କରିଦେଇଛନ୍ତି । ଜାନବାଇ ଠାରୁ ଆରମ୍ଭ କରି ଗୋରାସେତୁ ପର୍ଯ୍ୟନ୍ତ ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା କରାଯାଇଥିବା ବେଳେ ଏହି ଅଂଚଳରେ ମାଓବାଦୀଙ୍କ ଗତିବିଧି ଏକ ପ୍ରକାର ଠପ୍ ହୋଇଯାଇଛି ।

## ଶିକ୍ଷାବିତ୍‌ଙ୍କ ପରଲୋକ

ନୂଆପଡା,୩/୧୨ (ନି.ପ୍ର): ନୂଆପଡା ଜିଲ୍ଲା କୋମନା ବ୍ଲକ ଭେଲା ଡ. କାଟଜୁ ହାଇସ୍କୁଲର ପୂରାତନ ବିଜ୍ଞାନ ଶିକ୍ଷକ ନଟରାଜ ମହାପାତ୍ରଙ୍କ ଆଜି ଭୋର୍ ୩ଟା ୪୫ ମି.ରେ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଅବସରପ୍ରାପ୍ତି ପରେ ସେ କୋସଲ ସାହିତ୍ୟର ଗଭୀର ସାଧନ କରି କୋସଲ ରନ୍ ଉପାଧିରେ ଭୂଷିତ ହୋଇଥିଲେ । ତାଙ୍କର ବିୟୋଗରେ କୋସଲ ସାହିତ୍ୟର ଅପୁରଣୀୟ କ୍ଷତି ଘଟିଛି । ତାଙ୍କର ଏକମାତ୍ର ପୁତ୍ର ଡ. ସିଦ୍ଧାର୍ଥ ଶଙ୍କର ମହାପାତ୍ର ମୁଖାଗ୍ନି ଦେଇଥିଲେ । ସେ ସାନମହେଶ୍ୱର ଗ୍ରାମ ପଚାଂୟତର ଝୋଲମପଥର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସାନମହେଶ୍ୱର ଗ୍ରାମ ପଚାଂୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ତାଙ୍କର ଅଗ୍ରଣୀ ଭୂମିକା ଥିଲା ।

# କବିତା ସଙ୍କଳନ 'ଶେଷଇଚ୍ଛା' ଲୋକାର୍ପଣ ଉତ୍ସବ

ବ୍ରହ୍ମପୁର,୩/୧୨ (ନି.ପ୍ର): ସ୍ଥାନୀୟ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଉତ୍କଳ ସମ୍ମିଳନୀର ଆଲୋଚନା ସଭାରେ ସଭାପତି ଡ଼ଃ. ସୁବ୍ରତ କୁମାର ସାହୁ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ବନମାଳୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ଖଲିକୋଟ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରଧାପକ ଡ଼ଃ. ସିଦ୍ଧାର୍ଥ ଶଙ୍କର ପାଢୀ, ମୁଖ୍ୟବକ୍ତା ଆଂଚଳିକ ଉଚ୍ଚ ମାଧମିକ ଶିକ୍ଷା ପରିଷଦର ଉପସଚିବ ତଥା ସାହିତ୍ୟିକ ଡ଼ଃ. କୁଳମଣି ଓଝା, ଓଡ଼ିଶା ଲେଖିକା ସଂସଦର ଗଞ୍ଜାମ ଜିଲ୍ଲା ଆବାହିକା ତଥା ସୁସାହିତ୍ୟିକା ବରିଷ୍ଠ ନୃତ୍ୟଶିଳ୍ପୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ ଏବଂ ସମ୍ମିଳନୀର ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଂଚାସୀନ ହୋଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଏହି ଅବସରରେ ସମ୍ମିଳନୀର ପୂର୍ବତନ ସଭାପତି ତଥା ଉପଦେଷ୍ଟା କବି ମନ୍ମଥ ପାଢୀଙ୍କ ରଚିତ କବିତା ସଂକଳନ 'ଶେଷଇଚ୍ଛା' ଲୋକାର୍ପଣ ହୋଇଥିଲା । କବି ଶ୍ରୀ ପାଢ଼ୀଙ୍କ ଏହା ପ୍ରଥମ ସଂକଳନ । ୮୮ ବର୍ଷ ଏହା ବୟସରେ ତାଙ୍କର ପ୍ରଥମ ସଂକଳନ ଲୋକାର୍ପିତ ହୋଇଥିବାରୁ ଉତ୍କଳ ସମ୍ମିଳନୀ ସମେତ ଉତ୍କଳ ଆଶ୍ରମ, ଗଞ୍ଜାମ କଳା ପରିଷଦ, କଳିଙ୍ଗ ସାହିତ୍ୟ ସମାଜ, ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ଲେଖିକା ସାମ୍ମୁଖ୍ୟ, ଫଲଗୁ ସାହିତ୍ୟ ସଂସଦ, ଶିଶୁ ସାହିତ୍ୟ ବିକାଶ ପରିଷଦ ପ୍ରଭୃତି ଅନୁଷ୍ଠାନ ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଶେଷ ଇଚ୍ଛା 'କବିତା ସଙ୍କଳନରେ ଆଧାତ୍ମିକ, ଦେଶାତ୍ମବୋଧକ, ସଂସ୍କାର ଧର୍ମୀ ବିଶେଷ କରି ଷାଠିଏ ସତୁରୀ ଦଶକର ଶୈଳୀ ଏବଂ ଆଧୁନିକ ଶୈଳୀରେ ରଚିତ କବିତା ଗୁଡ଼ିକ ଅତ୍ୟନ୍ତ ଉପାଦେୟ ତଥା ଉଚ୍ଚ କୋଟୀର ହୋଇଛି ବୋଲି ଅତିଥି ଗଣ ମତ ପ୍ରକାଶ କରିଥିଲେ । ବୟସାଧିକ୍ୟ ଏବଂ ଅସୁସ୍ଥତା ଯୋଗୁଁ କବି ଶ୍ରୀ ପାଢ଼ୀଙ୍କୁ ପାଲୁର ବଙ୍ଗଳା ସ୍ଥିତ ତାଙ୍କ ବାସଭବନରେ ସମ୍ମିଳନୀର କର୍ମକର୍ତ୍ତା ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସମ୍ମିଳନୀର ଉପସଭାପତି ଡ଼ ନକୁଳ ସାହୁଙ୍କ ସମେତ ଡାକ୍ତର ସାଗର ରଂଜନ ତ୍ରିପାଠୀ, କୃଷ୍ଣଚନ୍ଦ୍ର ଦାସ , ମହମ୍ମଦ ଆସଲାମ, ସ୍ୱର୍ଣ୍ଣପ୍ରଭା ମିଶ୍ର, ଡ଼ଃ. ସୂଚନା ପାଢ଼ୀ, ପଦ୍ମିନୀ ମିଶ୍ର, ଲୋପା ସାମଲ, ଇଶାନୀ ମିଶ୍ର, କପିଳ ମହାନ୍ତି, ହାଡିବନ୍ଧୁ ମାଳି, ଭିକାରୀ ଚରଣ ମହାପାତ୍ର, ସୀମାଂଚଳ ପ୍ରସାଦ, ନର୍ସ ଜେନା, ସୁବୋଧ ପଟ୍ଟନାୟକ, ରାଜୁ ପାଢୀ, ସୁବାସ ଚନ୍ଦ୍ର ସୁବୁଦ୍ଧି, ଗିରିଜା ଶଙ୍କର ଦାଶ, ଚନ୍ଦ୍ର ବେହେରା, ନିତ୍ୟାନନ୍ଦ ପାଢ଼ୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ସମ୍ପାଦକ ଶ୍ରୀ ପଲ୍ଲବ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଧାନ ପଣ୍ଡିତ ବାବାଜୀ ଚରଣ ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପଟ୍ଟାମୁଣ୍ଡାଇ,୩/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାପଟ୍ଟାମୁଣ୍ଡାଇ ବ୍ଲକ ଉଦୟପୁର ବିଶ୍ୱେଶ୍ୱର ସଂସ୍କୃତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ପଣ୍ଡିତ ବାବାଜୀ ଚରଣ ନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କରୋନା କଟକଣାକୁ ମାନି ସାମାଜିକ ଦୂରତା ରକ୍ଷାକରି ଏହି ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଥିଲା । ବିଦ୍ୟାଳୟର ପୂର୍ବତନ ପ୍ରଧାନ ପଣ୍ଡିତ କାର୍ତ୍ତିକ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଚନ୍ଦନନଗର ସିଂହବାହିନୀ ସଂସ୍କୃତ ବିଦ୍ୟାଳୟର ପଣ୍ଡିତ ପ୍ରଶାନ୍ତ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜନଗର ସତ୍ୟଶିବସୁନ୍ଦର ସଂସ୍କୃତ ବିଦ୍ୟାଳୟ ପଣ୍ଡିତ ଦୟାନିଧି ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦାୟୀ ପଣ୍ଡିତ ଶ୍ରୀ ନାୟକ ୧୯୮୩ ମସିହା ଠାରୁ ଶିକ୍ଷକତା ଜୀବନ ଆରମ୍ଭ କରି ବିଶ୍ୱେଶ୍ୱର ସଂସ୍କୃତ ବିଦ୍ୟାଳୟରେ ଯୋଗଦେବା ସହିତ ନିରନ୍ତର ଭାବେ କାର୍ଯ୍ୟ କରି ଆସୁଥିଲେ । ନିଜର ନିଷ୍ଠାପର ସାଧନା ଓ ଉଦ୍ୟମ ବଳରେ ସଂସ୍କୃତ ଶିକ୍ଷାକ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ କରି ସେ ବହୁ କୃତି ଛାତ୍ରଛାତ୍ରୀ ସୃଷ୍ଟି କରି ପାରିଛନ୍ତି ବୋଲି ମତ ପ୍ରକାଶ କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବନିତା ମଲିକ, ସଭ୍ୟ ବଳରାମ କୁଣ୍ଡ, ସଭ୍ୟା ଧୀରାମଣୀ କୁଣ୍ଡ, ସୁରେନ୍ଦ୍ର କୁମାର କୁଣ୍ଡ, ଅକ୍ଷୟ କୁମାର କୁଣ୍ଡ, ପ୍ରମୋଦ କୁଣ୍ଡ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ସ୍ୱେଚ୍ଛାକୃତ ଶିକ୍ଷାଦାତ୍ରୀ ସ୍ୱାଗତିକା ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାରମ୍ଭରେ ବିଦାୟୀ ଶିକ୍ଷକ ଶ୍ରୀ ନାୟକଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିଏସଏଫ ପକ୍ଷରୁ ଉଦୟ ଦିବସ ପାଳିତ

ମାଲକାନଗିରି, ୨ ଡିସେମ୍ବର (ହି.ସ.)- ମାଲକାନଗିରି ଜିଲା ସଦର ମହକୁମା ବିଏସଏଫ୍ ଯବାନଙ୍କ ତରଫରୁ ୫୭ତମ ବିଏସଏଫ ଉଦୟ ଦିବସ ପାଳିତ ହୋଇଯାଇଛି । ମାଲକାନଗିରି ବିଏସଏଫ୍ ଉପ ଆରକ୍ଷୀ ମହାନିର୍ଦ୍ଦେଶକ ( ଡିଆଇଜି ) ସଞ୍ଜୟ କୁମାର ସିଂ କାର୍ଯ୍ୟକ୍ରମରେ ଯୋଗଦେଇ ଭାରତରେ ପ୍ରଥମେ ଡିସେମ୍ବର ୧ ତାରିଖ, ୧୯୬୫ରେ କେବଳ ୨୫ ଯବାନଙ୍କୁ ନେଇ ପ୍ରଥମ ୧୯୩ ବାଟାଲିୟନ ଆରମ୍ଭ ହୋଇଥିଲା । ସେହି ସମୟରେ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜୀବନ ପର୍ଯ୍ୟନ୍ତ କର୍ତବ୍ୟ । ଏହି ଯବାନ ସେହି ସମୟରେ ମୋଟ୍ ୬୩୮୫ କିଲୋମିଟର ସ୍ଥଳ ଭାଗରେ ସୀମା ସୁରକ୍ଷା ବାହିନୀ ଭାବେ କାର୍ଯ୍ୟରତ ଥିବା ସହ ପାକିସ୍ଥାନ ଓ ବାଙ୍ଗଲାଦେଶ ସୀମାନ୍ତରେ ସୁରକ୍ଷା ଦେଉଥିଲେ । ଏହି ସୁରକ୍ଷା ବାହିନୀ ୫୬ ବର୍ଷ ପୂର୍ତ୍ତି କରି ବର୍ତମାନ ୫୭ ବର୍ଷରେ ପଦାର୍ପଣ କରିଛନ୍ତି । ମାଲକାନଗିରି ଜିଲାରେ ୨୦୧୦ ମସିହାରେ ବିଏସଏଫ ଯବାନଙ୍କୁ ମୁତୟନ କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ବହୁ ଯବାନ ମାଲକାନଗିରି ଜିଲାରେ ସୁରକ୍ଷା ଦେଇ ନିଜର ପ୍ରାଣବଳୀ ଦେଇଛନ୍ତି । ସ୍ୱାଭିମାନ ଅଂଚଳରେ ଗୋରାସେତୁ ,ଯୋଡ଼ାମ୍ବ , ମହୁପଦର ଅଂଚଳରେ ନୂତନ ବିଏସଏଫ୍ ଶିବିର ପ୍ରତିଷ୍ଠା ହୋଇଛି । ଲୋକଙ୍କୁ ସୁରକ୍ଷା ସହ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ସୁରକ୍ଷା ଦେଇ ଆସୁଛନ୍ତି ଯବାନ । ବର୍ତମାନ ସାରା ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରି ଆସୁଥିବା ବେଳେ ଏହି ଦିଗରେ ବିଏସଏଫ ଯବାନ ନିଜକୁ ଗର୍ବିତ ମନେ କରୁଛନ୍ତି । ଆଗାମୀ ଦିନରେ ମାଲକାନଗିରି ଜିଲାରେ ଆହୁରି ବହୁ ଉନ୍ନୟନମୂଳକ କାର୍ଯ୍ୟରେ ସହାୟକ ହେବା ସହ ସମସ୍ତଙ୍କୁ ସୁରକ୍ଷା ଯୋଗାଇଦେବେ ବୋଲି ସେ ପ୍ରକାଶ କରିଛନ୍ତି । ଏହିଅବସରରେ ଶ୍ରୀ ସିଂ ବଣ୍ଡା, କୋୟା ଜନଜାତିର ଆଦିବାସୀଙ୍କୁ ଫଳ ବଣ୍ଟନ କରିଥିଲେ ।

## ଡାକ୍ତରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି,୩/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ରୋଗ ବିଶେଷଜ୍ଞ ଡାକ୍ତର ଦୀପକ କୁମାର ନାୟକ ଗତ ଦୁଇ ବର୍ଷରୁ ଅଧିକ ସମୟ ହେଲା ଚିତ୍ରକୋଣ୍ଡା ମେଡିକାଲରେ କାର୍ଯ୍ୟରତ ଥିଲେ । ତାଙ୍କ ସମୟରେ ଭଲ ଚିକିତ୍ସା ସହିତ ନିଷ୍ଠାପର ସେବାକୁ ଲୋକେ ଆଜି ବି ଭୁଲି ପାରୁନାହାଁନ୍ତି । ସେ ଜଣେ ଦକ୍ଷ କର୍ତବ୍ୟବାନ ଡାକ୍ତର ଭାବରେ ବେଶ୍ ପରିଚିତ ଥିଲେ । ଡାକ୍ତର ଶ୍ରୀ ନାୟକ ଚିତ୍ରକୋଣ୍ଡା ପରି ଉପାନ୍ତ ଅଂଚଳରେ ଅପରେସନ ବ୍ୟବସ୍ଥା ଆରମ୍ଭ କରିଥିଲେ । ସେ ବହୁତ୍ କମ୍ ଦିନ ମଧରେ ଲୋକଙ୍କ ପାଖରେ ପରିଚିତ ହୋଇଥିଲେ । ଡାକ୍ତର ଶ୍ରୀ ନାୟକଙ୍କର ବୁର୍ଲାସ୍ଥିତ ଭୀମସାର ମେଡିକାଲ କଲେଜକୁ ସିନିଅର ରେସିଡେଣ୍ଟ ଭାବରେ ପଦୋନ୍ନତି ହୋଇଛି ।

# ଆତ୍ମହତ୍ୟା କରିଥିବା ଯୁବକଙ୍କ ଶବକୁ ୩ ଦିନ ପରେ ବ୍ୟବଚ୍ଛେଦ କଲା ପୋଲିସ

କନ୍ଧମାଳ,୩/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମାରେ ମଙ୍ଗଳବାର ଦିନ କାଳିଆ ବେହେରା ନାମକ ଜଣେ ଯୁବକଙ୍କ ଆତ୍ମହତ୍ୟା ଘଟଣାକୁ ତିନିଦିନ ପରେ ଗୁରୁବାର ମୃତ କାଳିଆ ପରିବାର ଲୋକ ଙ୍କ ଉପସ୍ଥିତିରେ ଶବବ୍ୟବଚ୍ଛେଦ କରାଯାଇ ମୃତଦେହକୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ । ତେବେ ଗତ ମଙ୍ଗଳବାର ଦିନ ଫିରିଙ୍ଗିଆରେ ଦିର୍ଘ ଚାରିବର୍ଷ ଧରି ଜଣେ ଡ୍ରାଇଭର ଭାବରେ କାର୍ଯ୍ୟକରିଆସୁଥିବା କାଳିଆ ବେହେରା ନାମକ ଜଣେ ଯୁବକ ଫିରିଙ୍ଗିଆ ନୋଡାଲ ସ୍କୁଲ ଖେଳପଡିଆ ନିକଟରେ ଥିବା ଏକ ସାଗୁଆନ ଗଛରେ ନିଜ ବେକରେ ଗାମୁଛାରେ ଲଗାଇ ଆତ୍ମହତ୍ୟା କରିଥିଲେ । ଖେଳପଡିଆକୁ ସକାଳୁ ଖେଳିବାକୁ ଯାଇଥିବା କିଛି ପିଲା ଶବଟିକୁ ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସ କୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୋଲିସ ପହଂଚି ଶବଜବତ କରିବା ସହ ମୃତଦେହ କୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇଦେଇଥିଲା । ତେବେ ଦୁଇଦିନଧରି ମୃତକର ପରିଚୟ ମିଳିଥିଲେ ମଧ୍ୟ ପରିବାର ଲୋକେ ପହଂଚିବାରେ ବିଳମ୍ବ ହେବାରୁ ଶବ ବ୍ୟବଚ୍ଛେଦ ହୋଇପାରିନଥିଲା । ଦୁଇଦିନ ପରେ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓଙ୍କ ପ୍ରୟାସରେ ମୃତ ଯୁବକଙ୍କ ପରିବାର ଲୋକଙ୍କୁ ଫିରିଙ୍ଗିଆ ଅଣାଯାଇଥିଲା। ମୃତ ଯୁବକ ଜଣକର ପ୍ରକୃତ ନା ସୁମିତ କୁମାର ବେହେରା ବୋଲି ଜଣାପଡିଥିବା ବେଳେ ସେ ଅନୁଗୋଳ ଜିଲ୍ଲା ବିକ୍ରମପୁର ଥାନା ତେହେରାମପୁର ନୁଆଁସାହି ଗାଁର ଦାମୋଦର ବେହେରା ଙ୍କ ଏକମାତ୍ର ପୁଅ ବୋଲି ଜଣାପଡିଥିଲା । ପରେ ଥାନା ଅଧିକାରୀ ନିଜେ ଆୟୋଜନ କରି ଅନୁଗୁଳରୁ ଏକ ଆମ୍ବୁଲେନ୍ସ ଏବଂ ପରିବାର ଲୋକ ଙ୍କୁ ଡାକାଇ ଫୁଲବାଣୀ ମେଡିକାଲ ରେ ମୃତ ଯୁବକ ର ଶବ ବ୍ୟବଚ୍ଛେଦ କରାଇ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି । ଅନ୍ୟପଟେ ପ୍ରାଥମିକ ତଦନ୍ତରୁ ମୃତ ଯୁବକ ଜଣକ ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ସହିତ ତା ନାମରେ ବିଭିନ୍ନ ମାମଲା ରହିଥିବା ଜଣାପଡିଛି । ତା ନାରେ ଅନୁଗୁଳ ଜିଲ୍ଲା ର ବିଭିନ୍ନ ଥାନାରେ ବିଭିନ୍ନ ଅପରାଧିକ ମାମାଲା ରହିଥିବା ବେଳେ ରାଜ୍ୟ ବାହାରେ ମଧ୍ୟ ବିଭିନ୍ନ ଥାନାରେ ଅନେକ ଅପରାଧିକ ମାମାଲା ଥିବା ଜଣାପଡିଛି । ଅନ୍ୟପଟେ ମୃତ ଯୁବକ ନାରେ ଏକ ଅପରାଧିକ ମାମାଲା ରୁଜୁ କରିବା ସହ ତାନା ରେ ପୋଲିସ ଜାମିନ ବିହୀନ ପରୱାନା ଜାରି ହୋଇଥିବା ଯୋଗୁଁ ସେ ନିଜ ଅସଲ ନାମାକୁ ବଦଳାଇ ଫିରିଙ୍ଗିଆରେ ଦିର୍ଘ ଚାରିବର୍ଷ ନିଜର ପରିଚୟ ବଦଳାଇ ଆତ୍ମଗୋପନ କରିଥିବା ଜଣାପଡିଛି ।

## ୧୩୮୬ ପ୍ରାଥମିକ ଶିକ୍ଷକ ପାଇଲେ ପଦୋନ୍ନତି

ଖୋର୍ଦ୍ଧା,୩/୧୨ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ଖୋର୍ଦ୍ଧା ବ୍ଲକର ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଠାରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ବନ୍ଦନା ମହାପାତ୍ରଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇଥିଲେ । ସୂଚନାଯୋଗ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ଚିଠି ନଂ. ୨୨୪୭୬ ତା ୨୨.୧୧.୨୦୨୧ ରିଖ ଅନୁସାରେ ଜିଲ୍ଲାସ୍ତରୀୟ କାଉନ୍ସିଲିଂ ମାଧମରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ଦେବାପାଇଁ ଆଦେଶ ଥିଲା । ତତକ୍ଷଣାତ୍ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଚିଠି କରିଥିଲେ । ଦୀର୍ଘ ୪ଦିନ ଧରି ବିଜେବି ହାଇସ୍କୁଲ ଠାରେ ଏହି କାର୍ଯ୍ୟକ୍ରମ ସୂଚାରୁ ରୂପେ ସମ୍ପାଦନ ହୋଇଛି । ସୂଚନାଯୋଗ୍ୟ- ସ୍ତର '୪'ରୁ ସ୍ତର '୩'-୧୦ଜଣ । ସ୍ତର ୫ମ 'ଖ'ରୁ ସ୍ତର ୪ର୍ଥ ପ୍ରଧାନ ଶିକ୍ଷକ ପଦକୁ ୪୧୦ଜଣ ଏବଂ ସ୍ତର ୫ମ 'ଖ'ରୁ ସ୍ତର ୪ର୍ଥ ସ୍ନାତକ କଳା ୨୭୫ ଓ ସ୍ନାତକ ବିଜ୍ଞାନ ୧୬ଜଣ, ସ୍ତର ୫ମ 'କ'ରୁ ସ୍ତର ୫'ଖ' କାଟାଗୋରୀ-୧ରୁ ୩୦୪ ଓ ସ୍ତର ୫ ମ 'କ'ରୁ ସ୍ତର ୫ମ 'ଖ' କାଟାଗୋରୀ -୨ , ୩୭୧ ଜଣ ପଦୋନ୍ନତି ପାଇଛନ୍ତି । ସ୍ୱଚ୍ଛତା ଓ ନିରପେକ୍ଷତା ସହ କାର୍ଯ୍ୟ ସମ୍ପାଦନ ହୋଇଥିବାରୁ ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇଛି । ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ସ୍ନିଗ୍ଧା ମିଶ୍ର ଓ ଅମିତା ପ୍ରୀତିନନ୍ଦା ପ୍ରମୁଖ ସହଯୋଗ କରିଥିଲେ ।

# ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଚାଲିଲେ ୧୫ କିଲୋମିଟର

ମାଲକାନଗିରି,୩/୧୨ (ନି.ପ୍ର): ମାଲକାନଗିରି ଜିଲାର ଦୁର୍ଗମ ତଥା ମାଓ ପ୍ରବଣ ଅଂଚଳ କୁହାଯାଉଥିବା ମାଥିଲି ବ୍ଲକର ତୁଳସୀ ପାହାଡରେ ରହୁଥିବା ଲୋକେ ମେଲେରିଆରେ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା କରିବା ପାଇଁ ପ୍ରାୟ ୧୫ କିଲୋମିଟର ପାହାଡ଼ ଓ ଘାଟି ଚଢିଛନ୍ତି ମାଥିଲି ବ୍ଲକର କ୍ଷେତ୍ର ଅଧିକାରୀ ମାନସ ବେହେରା । ଏହି ଅଂଚଳର ଅଙ୍ଗନବାଡି ଓ ଆଶା ଦିଦିଙ୍କ ସହ ଏକ ଦଳ ସେଠାରେ ପହଂଚି ଥିଲେ । ଦୁର୍ଗମ ପାହାଡ଼ ଜଙ୍ଗଲ ଭରା ତୁଳସୀ ପାହାଡ଼କୁ ଚାଲି ଚାଲି ଅତିକ୍ରମ କରିଛନ୍ତି । ସେଠାରେ ମେଲେରିଆରେ ଆକ୍ରାନ୍ତ ଥିବା ରୋଗୀଙ୍କୁ ଚିକିତ୍ସା କରିବା ସହ ଛୋଟ ପିଲାଙ୍କୁ ପରୀକ୍ଷା କରିଥିଲେ । ରୋଗୀଙ୍କୁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କିଆଙ୍ଗକୁ ଆସି ଚିକିତ୍ସା ହେବାକୁ କୁହାଯାଇଥିଲା । ମେଲେରିଆ ଆକ୍ରାନ୍ତ ରୋଗୀ ଆସିବାକୁ ମନା କରିଦେଇଥିଲେ । ବାଧ ହୋଇ ଅନ୍ୟ ଉପାୟ ନ ପାଇ ସ୍ୱାସ୍ଥ୍ୟ କର୍ମୀମାନେ ସେମାନଙ୍କୁ ଔଷଧ ଦେଇ ଫେରି ଆସିଥିଲେ । ଆଜି ବି ଏହି ଅଂଚଳର ଲୋକେ ପୁରୁଣା କଥାକୁ ଆପଣାଇ ଥିବା ବେଳେ ଆଧୁନିକ ଚିକିତ୍ସା ବ୍ୟବସ୍ଥା ପ୍ରତି ଭରସା କରୁନାହାନ୍ତି । ତୁରନ୍ତ ଏହି ସବୁ ଅଂଚଳର ଲୋକଙ୍କ ପାଇଁ ରାସ୍ତାଘାଟ ନିର୍ମାଣ କରାଗଲେ ସେମାନେ ଉତମ ଚିକିତ୍ସା ପାଇ ପାରିବେ ବୋଲି ଦାବି ହେଉଛି ।

## ଯଥେଷ୍ଟ ନୁହେଁ କେବଳ ପାଠ



ସ୍କୁଲରେ ଯେମିତି ପାଠପଢ଼ା ସହିତ ଖେଳକୁଦ, ଚିତ୍ରକଳା, ନାଚଗୀତ, ସଂଗୀତ ଆଦି ଶିକ୍ଷା ଦିଆଯାଉଛି, ପିଲାଙ୍କୁ ସେସବୁ ଶିଖାଇବା ଦାୟିତ୍ୱ ଆପଣଙ୍କର । ପିଲାଙ୍କୁ ପଢ଼ାଇବାର ଅର୍ଥ କେବଳ ପାଠ୍ୟ- ପୁସ୍ତକରେ ଥିବା ବିଷୟକୁ ମୁଖସ୍ଥ କରାଇବା ନୁହେଁ । ଏହି କାରଣରୁ ସ୍କୁଲରେ ପାଠପଢ଼ା ବ୍ୟତୀତ ନାନା ପ୍ରକାର କରିକୁଲାର୍ ଆକ୍ଟିଭିଟିକ୍ ବା ଭିନ୍ନ ଭିନ୍ନ ବିଷୟ ସହିତ ସେମାନଙ୍କୁ ସମ୍ପୃକ୍ତ କରାଯାଇଥାଏ । ମାତ୍ର କରୋନା କାରଣରୁ ବର୍ତ୍ତମାନ ତ ସ୍କୁଲ ବନ୍ଦ ରହିଛି । ପିଲାଏ ଘରେ ରହି ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି । ଏହା ସହିତ ଅଭିଭାବକମାନେ ମଧ୍ୟ ପିଲାଙ୍କୁ ପଢ଼ାଉଛନ୍ତି । ମାତ୍ର କେବଳ ପାଠପଢ଼ା ସେମାନଙ୍କ ପାଇଁ ଯଥେଷ୍ଟ ନୁହେଁ । ଅନ୍‌ଲାଇନ୍ ପାଠପଢ଼ାରେ ପିଲାଏ ପାଠ୍ୟପୁସ୍ତକରେ ଥିବା ପାଠ ତ ପଢୁଛନ୍ତି, ହେଲେ ଅନ୍ୟାନ୍ୟ ଗତିବିଧି ଦୃଷ୍ଟିରୁ ପଛରେ ପଡ଼ିଯାଉଛନ୍ତି । ତେଣୁ ବହିରେ ଥିବା ପାଠ ପଢ଼ାଇବା ସହିତ ସେମାନଙ୍କୁ ନାଚ ଗୀତ, ସଂଗୀତ, ଖେଳ କସରତ, ଚିତ୍ରକଳା ଆଦି ଶିଖାନ୍ତୁ । ଏହା ଦ୍ୱାରା ସେମାନଙ୍କର ସର୍ବାଙ୍ଗୀନ ବିକାଶ ହୋଇପାରିବ । ପାଠ ପଢ଼ାଇବା ସହିତ ଏହି ସବୁ ଆକ୍ଟିଭିଟିଜ୍ ବା ଗତିବିଧି ଦ୍ୱାରା ଆପଣ ସେମାନଙ୍କୁ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ପାରଙ୍ଗମ କରିପାରିବେ ।

**କ୍ରୀଡ଼ା :**

ପିଲାଙ୍କୁ ଘରେ ଖେଳକୁଦ ବା କ୍ରୀଡ଼ା ଶିଖାଇବା ନିଶ୍ଚିତ ଭାବେ କଷ୍ଟକର । ଚେସ୍ ଭଳି ଘର ଭିତରେ ଖେଳାଯାଉଥିବା ଖେଳ ବ୍ୟତୀତ ଲକ୍‌ଡାଉନ୍ ପୂର୍ବରୁ ଯଦି ଆପଣଙ୍କ ପିଲାଏ ଟେନିସ୍, କ୍ରିକେଟ୍, ଫୁଟବଲ, ବ୍ୟାଡମିଣ୍ଟନ ଭଳି ଖେଳରେ ନିୟମିତ ଭାଗ ନେଉଥାନ୍ତି, ତା'ହେଲେ ବର୍ତ୍ତମାନ ସେମାନଙ୍କର ଗତିବିଧି ନିଶ୍ଚିତ ଭାବେ ସୀମିତ ହୋଇଯାଇଥିବ । ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ, ଏଥିପାଇଁ ମଧ୍ୟ ଆପଣଙ୍କ ନିକଟରେ କିଛି ରାସ୍ତା ଅଛି । ଆପଣ ପିଲାଙ୍କୁ ଘରର ହତା ଭିତରେ ଜଗିଙ୍ଗ୍, ରନିଙ୍ଗ୍ କରାଇପାରିବେ । ସେମାନଙ୍କୁ ସିଡ଼ିରେ ଚଢ଼ିବା ଏବଂ ଓହ୍ଲାଇବାକୁ ଉତ୍ସାହିତ କରନ୍ତୁ । ଏସବୁ ବାଦ୍ ସେମାନଙ୍କୁ ଆପଣ ଷ୍ଟ୍ରେଚିଂ ଏକ୍ସରସାଇଜ୍ ଶିଖାଇପାରିବେ । ଦଉଡ଼ିଡିଆଁ ଖେଳ ଖେଳିବାକୁ ଉତ୍ସାହିତ କରିପାରିବେ । ଏହା ଦ୍ୱାରା ଲକ୍‌ଡାଉନ୍‌ରେ ବି ସେମାନେ ମାନସିକ ଓ ଶାରୀରିକ ଭାବରେ ସୁସ୍ଥ ରହିପାରିବେ । ଏହା ବ୍ୟତୀତ ସେମାନଙ୍କୁ ଅନ୍‌ଲାଇନ୍ ଫୁଟବଲ୍ କ୍ଲାସ୍ ଆଦି ଦେଖାଇବାକୁ ଭୁଲନ୍ତୁ ନାହିଁ ।



**ସଙ୍ଗୀତ :**

ଗୀତ ଗାଇବା ହେଉ କିମ୍ବା ମ୍ୟୁଜିକାଲ୍ ଇନ୍‌ଷ୍ଟ୍ରୁମେଣ୍ଟ ବଜାଇବା; ଉଭୟ କାମରେ ଅନୁଶାସନ, ଶୃଙ୍ଖଳା ଏବଂ ଡେଡିକେଶନ୍ ବା ସମର୍ପଣ ଭାବରେ ଆବଶ୍ୟକତା ରହିଛି । ଯେହେତୁ କରୋନା ସଂକ୍ରମଣ ବ୍ୟାପୁଛି ତେଣୁ ପିଲାଙ୍କୁ ଫିଜିକାଲ୍ ମ୍ୟୁଜିକ୍ କ୍ଲାସ୍ ଦେବା ଅପେକ୍ଷା ଭର୍ଚୁଆଲ୍ ବା ଅନ୍‌ଲାଇନ୍ ମ୍ୟୁଜିକ୍ ଶିଖାଇବା ପାଇଁ ଚେଷ୍ଟା କରନ୍ତୁ । ଉଦାହରଣ ସ୍ୱରୂପ ଆପଣ ଶଙ୍କର ମହାଦେବନ୍ ଏକାଡେମୀର ଓ୍ୱେବ୍‌ସାଇଟକୁ ଯାଇ ନିଜ ପିଲାଙ୍କ ପସନ୍ଦ ଅନୁସାରେ ମ୍ୟୁଜିକ୍‌ର ଅନେକ ବିକଳ୍ପ ମଧ୍ୟରୁ ଗୋଟିଏ ବାଛିପାରିବେ । 'ଦ ମ୍ୟୁଜିକ୍ କ୍ଲାସ୍' ଏଭଳି ଆଉ ଏକ ବିକଳ୍ପ, ଏଠାରେ ମଧ୍ୟ ଅନ୍‌ଲାଇନ୍ ମ୍ୟୁଜିକ୍ ଶିକ୍ଷା ଦିଆଯାଏ । ଯଦି ଆପଣଙ୍କ ପିଲାମାନେ ଘରେ ରହି ରହି ବିରକ୍ତ ହେଉଛନ୍ତି, ତା' ହେଲେ ସେମାନଙ୍କୁ ସଙ୍ଗୀତ ସହ ଯୋଡ଼ନ୍ତୁ । ସେମାନଙ୍କୁ ହାର୍‌ମୋନିୟମ, ଗୀଟାର୍, ଭାଓଲିନ୍, କେସିଓ ଆଦି ବଜାଇବା ଶିଖାନ୍ତୁ । ସେମାନଙ୍କ ମନପସନ୍ଦର ଗାୟର, ଗାୟିକାଙ୍କ ଗୀତକୁ ମଧ୍ୟ ଅଭ୍ୟାସ କରାଇପାରିବେ । ଏହା ବାଦ୍ ବର୍ତ୍ତମାନ କେଉଁ ସବୁ ଗାୟକ, ଗାୟିକାଙ୍କର ଚାହିଦା ରହିଛି, କେଉଁ ପ୍ରକାରର ଗୀତ ଟ୍ରେଣ୍ଡରେ ଅଛି ସେସବୁ ବାବଦରେ ସେମାନଙ୍କୁ କହିବା ସହିତ ତାହାକୁ ଅଭ୍ୟାସ କରିବା ପାଇଁ ଉତ୍ସାହିତ କରିପାରିବେ ।



**ଡ୍ୟାନ୍ସ :**

ଡ୍ୟାନ୍ସ ବା ନୃତ୍ୟ ପ୍ରତି ପିଲାଙ୍କର ବେଶ୍ ଆଗ୍ରହ ରହିଥାଏ । ସେ ମଡର୍ଣ୍ଣ ହେବା ବା ଅନ୍ୟ କିଛି । ନାଚଗୀତ ପ୍ରତି ପିଲାଏ ସର୍ବଦା ଆଗ୍ରହୀ ହୋଇଥାନ୍ତି । ନୃତ୍ୟ ମଧ୍ୟ ଏଭଳି ଏକ ଗତିବିଧି, ଯାହାର ଅଭ୍ୟାସ ଯେକୌଣସି ସ୍ଥାନରେ କରାଯାଇପାରେ । ଯଦି ଆପଣଙ୍କୁ କେହି ଭର୍ଚୁଆଲ୍ ଡ୍ୟାନ୍ସ ଶିଖାଉଥିବା ଟିଚର୍ ମିଳିଯିବେ, ତା'ହେଲେ ବହୁତ ଭଲ ହେବ । ଯଦି ଅନ୍‌ଲାଇନ୍ ଟିଚର୍ ମିଳୁନାହାନ୍ତି, ତା'ହଲେ ଆପଣ ଡ୍ୟାନ୍ସ ଭିଡିଓ ସହାୟତା ନେଇପାରିବେ । ଅନ୍‌ଲାଇନ୍‌ରେ ଏଭିଳ ଅନେକ ଡ୍ୟାନ୍ସ ଭିଡିଓ ଉପଲବ୍ଧ ରହିଛି, ଯାହା ଦେଖି ପିଲାଏ ନୃତ୍ୟୁ ଅଭ୍ୟାସ କରିପାରିବେ । ଡ୍ୟାନ୍ସ ଶିଖାଉଥିବା ଭିଡିଓ ଖୋଜିବା ଆପଣଙ୍କ ପାଇଁ ଆଦୌ କଷ୍ଟକର ହେବ ନାହିଁ । ଅନେକ ଭିନ୍ନ ଭିନ୍ନ ପ୍ରକାରର ଡ୍ୟାନ୍ସ ଶୈଳୀର ଭିଡିଓ ୟୁଟ୍ୟୁବ୍‌ରେ ଆପଣଙ୍କୁ ସହଜରେ ମିଳିଯିବ । ମନେରଖିବା ଉଚିତ, ନୃତ୍ୟ କେବଳ ମନୋରଞ୍ଜନର ଏକ ମାଧ୍ୟମ ନୁହେଁ, ଏହା ମଧ୍ୟ ଏକ ଶାରୀରିକ ବ୍ୟାୟାମ, ଯାହା ଶରୀରକୁ ଫିଟ୍ ରଖିବାରେ ଅନେକ ସହାୟତା କରିଥାଏ । ପିଲାଏ ଯଦି ଆଧୁନିକ, ଅତ୍ୟାଧୁନିକ ନୃତ୍ୟରେ ରୁଚି ରଖୁଛନ୍ତି – ସେସବୁ ଶିଖିବା ଦିଗରେ ଉତ୍ସାହିତ କରନ୍ତୁ । ଯଦି ସେମାନେ ଶାସ୍ତ୍ରୀୟ ନୃତ୍ୟ ପ୍ରତି ଆଗ୍ରହୀ ତେବେ ସେ ଦିଗରେ ସେମାନଙ୍କୁ କିଛି ଶିଖାଇବା ବ୍ୟବସ୍ଥା କରନ୍ତୁ ।



## ଭିନ୍ନ ଅବସରରେ ଭିନ୍ନ ଫ୍ୟାଶନ୍

ଫ୍ୟାଶନେବଲ୍ ପୋଷାକ ପିନ୍ଧିବା ସମସ୍ତଙ୍କ ଭଲ ଲାଗେ । ତେବେ ସମାନ ଡିଜାଇନ୍‌ର ପୋଷାକ ପରିଧାନ କରି ସବୁ ଜାଗାକୁ ଗଲେ ହୁଏତ ଦୃଷ୍ଟିକଟୁ ମନେ ହୋଇପାରେ । ଉତ୍ସବ, ପାର୍ଟି, ଟୁର୍, ଆଉଟିଙ୍ଗ୍, ପର୍ବପର୍ବାଣୀ ଭଳି ଅବସରକୁ ଦୃଷ୍ଟିରେ ରଖି ସେହି ଅନୁସାରେ ପୋଷାକ ପିନ୍ଧିଲେ ଭଲ ଦେଖାଯାଏ । ବିଶେଷ ଅବସରରେ ଆପଣଙ୍କ ପୋଷାକ କିପରି ହେବା ଦରକାର ଜାଣନ୍ତୁ ଟିପ୍ସ ।



**କଲେଜ ଫେଷ୍ଟ :**

ଡଙ୍ଗରିଜ୍, ଜମ୍ପସୁଟ, ପଲାଜୋ କଲେଜ ପଢୁଆ ଝିଅମାନଙ୍କ ପାଇଁ ଭଲ ଲାଗିବ । ଏହି ଷ୍ଟାଇଲ୍‌କୁ କଲେଜ୍ ଫେଷ୍ଟରେ ସାମିଲ କରାଯାଇପାରିବ । ଡଙ୍ଗରିଜ୍ କୁଲ୍ ଲୁକ୍ ଦେବା ସହିତ ଆରାମଦାୟକ ହୋଇଥାଏ । ଫୁଲ୍ ସ୍ଲିଭ୍ ଟପ୍ କିମ୍ବା ଟି ସାର୍ଟ ସହିତ କ୍ୟାରି କରିପାରିବେ । ଜମ୍ପସୁଟ ପିନ୍ଧୁଥିଲେ, ଫ୍ଲୋରାଲ ଜମ୍ପସୁଟ୍ ନିଅନ୍ତୁ । ଷ୍ଟାଇଲିଶ୍ ଦେଖାଯିବା ପାଇଁ ସନଗ୍ଲାସ୍ ଲଗାଇବା ଭୁଲନ୍ତୁ ନାହିଁ ।

**ବିବାହ :**

ସାଙ୍ଗ ବାହାଘରରେ ଯୋଗ ଦେବା ପୂର୍ବରୁ ପୋଷାକକୁ ନେଇ ବିଭିନ୍ନ ପ୍ରକାର ଏକ୍ସପେରିମେଣ୍ଟ ଆପଣ କରୁଥିବେ । ଯଦି ଅନ୍ୟମାନଙ୍କଠାରୁ ଭିନ୍ନ ଦେଖାଯିବାକୁ ଚାହୁଁଥିବେ କାଜୁଆଲ୍ ବ୍ଲାକ୍ ମ୍ୟାକ୍ସି ଡ୍ରେସ୍ ପିନ୍ଧନ୍ତୁ । ଏହାକୁ ଗ୍ଲାଡିଏଟର୍ ସ୍ୟାଣ୍ଡେଲ ସହିତ କ୍ୟାରି କରନ୍ତୁ । ଗ୍ଲାମ୍ ଲୁକ୍ ଦେବାରେ ଏତିକି ଯଥେଷ୍ଟ । ଆଜିକାଲି ଗାଉନ୍ ଟ୍ରେଣ୍ଡ୍ ଅଧିକ । ବିବାହ ପାର୍ଟିରେର ନେଟ୍, ଫିସ୍‌କଟ୍, ଏ ଲାଇନ୍ ଗାଉନ୍ ପିନ୍ଧିପାରିବେ ।

**ଜନ୍ମଦିନ ପାର୍ଟି:**

ଯଦି ପାର୍ଟି ଥିମ୍ ବେସଡ୍ ତା' ହେଲେ ଅଧିକ ଚିନ୍ତା କରିବାର ନାହିଁ । କିନ୍ତୁ ପାର୍ଟି ଯଦି ଥିମ୍ ବେସଡ୍ ନୁହେଁ, ତା'ହେଲେ ଆପଣର କାଜୁଆଲ ୱିୟର ସହିତ ପିନ୍ଧିପାରିବେ । କୁଲ ଲୁକ୍ ଦେଇଥାଏ ।



**ଆଉଟିଙ୍ଗ୍ :**

ଯଦି ସି ବିଚ୍ ବୁଲି ଯାଉଛନ୍ତି ତା'ହେଲେ ଡେନିମ ସାର୍ଟ, ହାଫ୍ ପ୍ୟାଣ୍ଟ, ସର୍ଟସ୍ ଷ୍ଟାଇଲ ଭଲ ମାନିଥାଏ । ହିଲ୍ ଷ୍ଟେସନ୍ ଟୁର୍ କରୁଥିଲେ ଉଲେନ୍ ଟପ୍ ସହିତ ଜିନ୍ସ, ଟ୍ରାଉଜର ଏବଂ ଉଲେନ କୁର୍ତ୍ତି ୱିଥ୍ ଷ୍ଟୋଲ୍ ପିନ୍ଧିପାରିବେ । ସେଇ ସ୍ଥାନ ହିସାବରେ ନିଜକୁ ଷ୍ଟାଇଲିଶ୍ କରିପାରିବେ ।



**ଧ୍ୟାନ ଦିଅନ୍ତୁ :**

-ଅନ୍ୟମାନଙ୍କୁ ଦେଖି ସମାନ ଡିଜାଇନ୍ ପୋଷାକ ପିନ୍ଧନ୍ତୁ ନାହିଁ ।

-ଏମିତି ଆଉଟଫିଟ୍ ପିନ୍ଧନ୍ତୁ ଯାହା ଆପଣଙ୍କୁ ଆରାମ ଦେଉଥିବ । ନହେଲେ ସବୁଥରର ଆପଣଙ୍କ ଧ୍ୟାନ ପୋଷାକ ଠିକ୍ କରିବାରେ ଚାଲିଯିବ ।

-ଡାର୍କ ମେକଅପ୍ କରନ୍ତୁ ନାହିଁ । ଲାଇଟ୍ ମେକଅପ୍‌ରେ ବି ସୁନ୍ଦର ଲାଗିବେ ।

-ଅଧିକ ଟାଇଟ୍‌ଫିଟ୍ ପୋଷାକ ଆଦୌ ନୁହେଁ ।

## ପ୍ରେଞ୍ଚ ପଟାଟୋ ଓମ୍‌ଲେଟ

ବ୍ୟସ୍ତ ଜୀବନରେ ରବିବାରରର ଗୁରୁତ୍ୱ ଯଥେଷ୍ଟ ଅଧିକ । ଏହି ଦିନଟିକୁ ଆଉ ଟିକେ ବିଶେଷ କରିବା ଲାଗି କିଛି ପାଟି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ଦେଖନ୍ତୁ ତ !

**ଆବଶ୍ୟକ ସାମଗ୍ରୀ :**

୩ଟି ଅଣ୍ଡା, ବଡ଼ ଚାମଚରେ ୩ ଚାମଚ ବଟର, ୧/୨ ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଚାଟ୍ ମସଲା, ୧ ଚାମଚ କଟା ଧନିଆପତ୍ର, ଛୋଟଛୋଟ କଟା ହୋଇଥିବା ୨ଟି କଞ୍ଚାଲଙ୍କା ଏବଂ ଗୋଟିଏ ଆଳୁ, ସ୍ୱାଦାନୁସାରେ ଲୁଣ । ସାଧାରଣ ଭାବେ ଅଣ୍ଡା ଓମ୍‌ଲେଟ୍ ତିଆରି କରି ସମସ୍ତେ ଖାଇଥାନ୍ତି । ଏହି ଖାଦ୍ୟଟି କିନ୍ତୁ ଭିନ୍ନ ସ୍ୱାଦ ଦେଇଥାଏ ।


**ପ୍ରସ୍ତୁତି :**

ଅଣ୍ଡାକୁ ଫୁଟାଇ ଏକ ପାତ୍ରରେ ବାହାର କରିଦେବେ । ସେଥିରେ ଧନିଆପତ୍ର, ଲୁଣ, କଞ୍ଚାଲଙ୍କା ଏବଂ ଗୋଲମରିଚ ଗୁଣ୍ଡ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏକ ପ୍ୟାନ୍ ଗରମ କରି ସେଥିରେ ବଟର ପକାନ୍ତୁ । ଏହା ତରଳି ଗଲେ କଟା ଆଳୁ ପକାଇ ହାଲ୍‌କା ସୁନେଲି ରଙ୍ଗର ହେବା ପର୍ଯ୍ୟନ୍ତ ଭାଜିବେ । ଏବେ ଫେଣ୍ଟା ହୋଇ ରହିଥିବା ଅଣ୍ଡା ଏହା ଉପରେ ପକାଇ ଦିଅନ୍ତୁ । ଅଣ୍ଡା ଏବଂ ଆଳୁ ପୂରା ସେଟ୍ ହୋଇଯିବା ପରେ ଓମ୍‌ଲେଟ୍‌କୁ ଓଲଟାଇ ୫ରୁ ୧୦ ସେକେଣ୍ଡ ପରେ ଗ୍ୟାସ୍ ବନ୍ଦ କରିଦେବେ । ଏକ ପ୍ଲେଟ୍‌ରେ ଓମ୍‌ଲେଟ୍ ଆଣି ତା' ଉପରେ ଚାଟ୍ ମସଲା ଏବଂ ଧନିଆପତ୍ର ପକାଇ ସଜାଇ ଦିଅନ୍ତୁ । ଏବେ ଏହା ପସନ୍ଦର ସସ୍ କିମ୍ବା ଚଟଣି ସହିତ ପରଷିବାକୁ ପ୍ରସ୍ତୁତ ।




## ଚାପ ମସ୍ତିଷ୍କର ବୃଦ୍ଧି ହ୍ରାସକାରୀ


ଶୈଶବରେ ମସ୍ତିଷ୍କର ଦ୍ରୁତ ବିକାଶ ଘଟିଥାଏ । ଏହି ସମୟରେ ପିଲାଙ୍କୁ ଘରେ କିମ୍ବା ବିଦ୍ୟାଳୟରେ ଗାଳି ଦେଲେ, ସେମାନଙ୍କ ଉପରେ ଅତ୍ୟଧିକ ବିରକ୍ତ ହେଲେ, ଶାରୀରିକ ଦଣ୍ଡ ଦେଲେ ସମାନଙ୍କ ମସ୍ତିଷ୍କ ଉପରେ ନାନା ନକରାତ୍ମକ ପ୍ରଭାବ ପଡ଼ିପାରେ । ଜର୍ନାଲ ଅଫ୍ ବାୟୋଲୋଜିକାଲ୍ ସାଇକିଆଟ୍ରିରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଆମ ମସ୍ତିଷ୍କ ଅନ୍ତର୍ଗତ ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଶୈଶବରେ ଭାବନା ଓ ସ୍ମୃତି ଶକ୍ତି ପ୍ରଖର କରାଇବାରେ ସହାୟକ ହୁଅନ୍ତି । ବୟସ ବଢ଼ିବା ସହ ଉପଯୁକ୍ତ ପରିବେଶ ଓ ଯତ୍ନ ମାଧ୍ୟମରେ ଏ ଦୁଇଟିର ବିକାଶ ଘଟେ । ପିଲାଙ୍କ ଉପରେ ଚାପ ପଡ଼ିଲେ, ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଠିକ୍ ଭାବେ ବିକଶିତ ହୋଇପାରନ୍ତି ନାହିଁ । ଦାରିଦ୍ର୍ୟ ଓ ଅବହେଳା ଯୋଗୁଁ ମଧ୍ୟ ପିଲାମାନେ ମନସ୍ତାପରେ ରହନ୍ତି । ପରିଣାମସ୍ୱରୂପ ଆମିଗ୍‌ଡାଲା ଓ ହିପୋକାମ୍ପସ୍‌ର ବିକାଶରେ ବାଧା ସୃଷ୍ଟି ହୁଏ । ତେଣୁ, ପିଲାଙ୍କୁ ଚାପମୁକ୍ତ ରଖାଯିବା ଉଚିତ ।



## ଇନ୍‌ଡୋର୍ ଗଛର୍ ଦାମ୍ ୪ ଲକ୍ଷ

ଶିରୋନାମାଟି ପଢ଼ି ବିସ୍ମିତ ଲାଗୁଛି କି ? ପ୍ରକୃତରେ ଏହା ସତ୍ୟ । ନ୍ୟୁଜିଲାଣ୍ଡରେ ୪ଟି ପତ୍ର ଥିବା ଗୋଟିଏ ଛୋଟ ଇନ୍‌ଡୋର ଗଛ ୪ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି । ଏହା ବିରଳ ରାଫିଡୋଫୋରା ଟେଟ୍ରାସ୍ପର୍ମା ପ୍ରଜାତିର ଗଛ । ଏହା ମଧ୍ୟ ଫିଲୋଡେନ୍‌ଡ୍ରୋନ୍ ମିନିମା ଭାବେ ପରିଚିତ । ଏହାର ୪ଟି ଯାକ ପତ୍ରରେ ସବୁଜ ରଙ୍ଗ ସହ ହଳଦୀ ରଙ୍ଗ ମିଶିକରି ରହିଛି । ଏଭଳି ଅଦ୍ଭୁତ ରଙ୍ଗ ପାଇଁ ନ୍ୟୁଜିଲାଣ୍ଡର ସବୁଠୁ ବଡ଼ ଟ୍ରେଡିଂ ଓ୍ୱେବସାଇଟ୍ 'ଟ୍ରେଡ୍ ମି'ରେ ନିକଟରେ ଏହାକୁ ନେଇ ଏକ ନିଲାମ ଡକାଯାଇଥିଲା । ଜଣେ ଲୋକ ଭାରତୀୟ ମୁଦ୍ରାରେ ୪ ଲକ୍ଷ ଟଙ୍କା ଦେଇ ତାକୁ କିଣିଥିଲେ । ଏ ସଂପର୍କରେ ଏହାକୁ ବିକ୍ରି କରିଥିବା ଲୋକ ଜଣକ ଲେଖିଥିଲେ, 'ଏଭଳି ଇନ୍‌ଡୋର୍ ଗଛ ବିରଳ । ସଂଗ୍ରାହକ ଏବଂ ଉଦ୍ୟାନକୃଷିବିତ୍‌ଙ୍କ ନିକଟରେ ଏହାର ଖୁବ୍ ଚାହିଦା ରହିଛି । ୧୪ ସେଣ୍ଟିମିଟରର ଏକ କୁଣ୍ଡରେ ଏହାକୁ ଲଗାଯାଇଥାଏ । ଖୁବ୍ ଧୀରେ ଧୀରେ ଏହା ବଡ଼ ହୋଇଥାଏ । ଆମେରିକା, କାନାଡ଼ା ଏବଂ ଅଷ୍ଟ୍ରେଲିଆରେ ଏହାର ଚାହିଦା ରହିଛି । 'ସେହିପରି ଏହାକୁ କିଣିଥିବା ବ୍ୟକ୍ତି କହିଛନ୍ତି, 'ମୁଁ ଆମର ଏକ ବଗିଚା ପାଇଁ ଏହାକୁ କିଣିଛି । ମୁଁ ଏବଂ ମୋର ୩ ଜଣ ବନ୍ଧୁ ସେହି ବଗିଚା କରିବାକୁ ଲକ୍ଷ ରଖିଛୁ । ସେହି ବଗିଚାରେ ବିଭିନ୍ନ ପ୍ରକାର ପକ୍ଷୀ ଓ ପ୍ରଜାପତି ବି ରହିବେ । ମଝିରେ ଏକ ରେସ୍ତୋରାଁ ରହିବ । ସେଠାରେ ଦେଶରେ ମିଳୁଥିବା ସବୁ ପ୍ରକାର ବିରଳ ପ୍ରଜାତିର ଗଛ ଦେଖିବାକୁ ମୋର ଲକ୍ଷ୍ୟ ରହିଛି । ଏପରି ଉଦ୍ୟମ ଦେଶରେ ପ୍ରଥମ ହେବ ।'





କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୭୦)

# ବିନ୍ଧ୍ୟ ପର୍ବତର ଗର୍ବ ଚୂର୍ଣ୍ଣ ହେଲା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମିନା ଅପାଙ୍କ ରାମାୟଣ କଥା ଜାରି ରହିଥିଲା। ଆମେ ଅଗସ୍ତି ମୁନିଙ୍କ କଥା ଶୁଣୁଥିଲେ। ଅଗସ୍ତି ମୁନିଙ୍କ ସମ୍ପର୍କରେ ଆଉ କିଛି ଚମତ୍କାର କଥା ଅଛି ରାମାୟଣରେ। ଆସ, ସେ କଥା ଜାଣିବା।



ନିଜ ପୂର୍ବ ବଂଶଧରମାନଙ୍କ ମୁକ୍ତି ନିମନ୍ତେ ଅଗସ୍ତି ଋଷି ବିଦର୍ଭ ରାଜାଙ୍କ କନ୍ୟା ଲୋପାମୁଦ୍ରାଙ୍କୁ ବିବାହ କରିଥିଲେ। ଉଦ୍ଦେଶ୍ୟ ଥିଲା ଏକ ପୁତ୍ର ସନ୍ତାନର ଜନକ ହେବାକୁ।

ବିଦର୍ଭ ରାଜ୍ୟରେ ରହିଥିଲା ବେଳେ ସେ ରାଜ୍ୟର ପ୍ରଜାଙ୍କ ଦୁଃଖ କଥା ଶୁଣିଲେ। ରାଜ୍ୟର ଏକ ଅଂଚଳରେ ଇଲ୍ୱଳ ଓ ବାତାପି ନାମକ ଦୁଇଟି ରାକ୍ଷସ ରହୁଥିଲେ। ସେମାନେ ଦୁଇ ଭାଇ ଥିଲେ। ସେଇ ଜଂଗଲ ଦେଇ ଆସୁଥିବା ବାଟୋଇମାନଙ୍କୁ ସେମାନେଏକ ବିଚିତ୍ର ଉପାୟରେ ମାରି ଖାଉଥିଲେ। ପ୍ରଥମେ ବାତାପି ଏକ ମାୟା ମେଷ ହୋଇ ଯାଉଥିଲା। କ୍ଲାନ୍ତ ପଥିକଙ୍କୁ ଇଲ୍ୱଳ ବିଶ୍ରାମ ନେବାକୁ କହୁଥିଲେ ଓ ମେଷକୁ ମାରି ତାର ମାଂସ ରନ୍ଧନ କରି ପଥିକଙ୍କୁ ଖାଇବାକୁ ଦେଉଥିଲା। ପଥିକ ଖାଇସାରିଲା ପରେ ଇଲ୍ୱଳ ଡାକୁଥିଲା- ଆସ ଭାଇ, ବାହାରକୁ ଆସ। ବାତାପି ସଂଗେ ସଂଗେ ପଥିକଙ୍କ ପେଟ ଚିରି ବାହାରକୁ ଚାଲି ଆସୁଥିଲା ଓ ପଥିକଟି ମରି ପଡୁଥିଲା। ରାକ୍ଷସ ଦୁଇ ଭାଇ ଖୁସିରେ ପଥିକଙ୍କୁ ଭକ୍ଷଣ କରୁଥିଲେ।

ପ୍ରଜାମାନଙ୍କ ଦୁଃଖଭରା କାହାଣୀ ଅଗସ୍ତି ମୁନି ଶୁଣିଲେ। ସେ ସଂଗେ ସଂଗେ ଇଲ୍ୱନ୍ଦ ଓ ବାତାପି ରହୁଥିବା ଯାଗାକୁ ଗଲେ। ତାଙ୍କୁ ଦେଖି ବାତାପି ମାୟା ମେଷ ହୋଇଗଲା ଓ ଇଲ୍ୱଳ ମୁନିଙ୍କୁ ବିଶ୍ରାମ ନେବାକୁ କହି ମାୟା ମେଷକୁ ହାଣି ତା ମାଂସ ରନ୍ଧନ କରି ମୁନିଙ୍କୁ ଭୋଜନ କରିବାକୁ ଦେଲା। ଅଗସ୍ତି ମୁନି ମେଷର ହାଡ଼ ଗୋଡ଼ ସବୁ ରାନ୍ଧିବାକୁ କହିଲେ ଓ ଇଲ୍ୱଳ ତାହା କଲା। ଅଗସ୍ତି ମୁନି ଖୁସିରେ ଭୋଜନ କରି ପେଟ ଉପରେ ହାତ ବୁଲେଇ ଆଣିଲେ ଓ ତାଙ୍କ ପେଟକୁ ଯାଉଥିବା ଖାଦ୍ୟ ହଜମ ହୋଇଗଲା। ଇଲ୍ୱଳ ଡାକ ଦେଲା ଆସ ଭାଇ ଆସ। ମାତ୍ର ବାତାପି ଆଉ ବାହାରକୁ ଆସି ପାରିଲାନି। ଅଗସ୍ତି ମୁନି ହସି କରି କହିଲେ- ସେ ହଜମ ହୋଇଯାଇଛି, ଆଉ ବାହାରକୁ ଆସି ପାରିବନି। ଏପରି କଥା ଦେଖି ଇଲ୍ୱଳ ଡରିଗଲା ଅଗସ୍ତି ମୁନିଙ୍କଠାରୁ କ୍ଷମା ଭିକ୍ଷା କଲା। ଏଣିକି ସେ ଆଉ ବାଟୋଇଙ୍କ ମାରିବ ନାହିଁ ବୋଲି କହିଲେ। ଅଗସ୍ତି ମୁନି ଖୁସିରେ ରାଜ ନବରକୁ ଫେରିଗଲେ।

ଅଗସ୍ତି ଋଷିଙ୍କ ସଂପର୍କରେ ଆଉ ଏକ ସୁନ୍ଦର କଥା ଅଛି ରାମାୟଣରେ। ଆସ ସେ କଥା ଶୁଣିବା। ପୃଥିବୀର ପର୍ବତମାନଙ୍କ ମଧ୍ୟରୁ ସୁମେରୁ ପର୍ବତ ଶ୍ରେଷ୍ଠ। ସୂର୍ଯ୍ୟ ସେହି ପର୍ବତର ପ୍ରଦକ୍ଷିଣ କରିଥାନ୍ତି। ଏହି କଥା ଭାରତ-ବର୍ଷରେ ଥିବା ବିନ୍ଧ୍ୟ ପର୍ବତ ଦେଖିଲା ଓ ଭାବିଲା- ସୂର୍ଯ୍ୟ କାହିଁକି ମୋର ପ୍ରଦକ୍ଷିଣ ବାରୁ ନାହାଁନ୍ତି? ଏଥିଲାଗି ତାର ମନ ଦୁଃଖ ହେଲା। ସେ ସଂଗେ ସଂଗେ ସୂର୍ଯ୍ୟଙ୍କୁ କହିଲା- ତମେ ମୋର ପ୍ରଦକ୍ଷିଣ କର।

ଏକଥା ଶୁଣି ସୂର୍ଯ୍ୟ କହିଲେ ସେ ବିନ୍ଧ୍ୟଗିରିର ପ୍ରଦକ୍ଷିଣ କରି ପାରିବେନି। ସୁମେରୁ ପର୍ବତର ପ୍ରଦକ୍ଷିଣ କରିବାକୁ ତାଙ୍କ ଈଶ୍ୱରଙ୍କ ନିର୍ଦ୍ଦେଶ ମିଳିଛି। ସେ ତାର ପାଳନ କରୁଛନ୍ତି।

ସୂର୍ଯ୍ୟଙ୍କ ଏପରି କଥା ଶୁଣି ବିନ୍ଧ୍ୟଗିରି ରାଗିଗଲା ଓ ନିଜର ଉଚ୍ଚତା ଓ ଆୟନେ ବଢ଼ାଇବାରେ ଲାଗିଲା। ଏହା ଫଳରେ ସୂର୍ଯ୍ୟଙ୍କ ଯାତାୟାତରେ ଅସୁବିଧା ହେଲା। ଆକାଶରେ ମେଘମାନେ ଯାତ୍ରାକରି ପାରିଲେନି ଓ ପୃଥିବୀର ବହୁତ ଅଂଶ ବିନ୍ଧ୍ୟ ପର୍ବତର ଛାୟାରେ ରହିଲା। ଏହା ପ୍ରକୃତିକୁ ଅସନ୍ତୁଳିତ କରିଦେଲା। ଏହି ସମସ୍ୟାର ସମାଧାନ ଲାଗି ଦେବତାମାନେ ଅଗସ୍ତି ମୁନିଙ୍କୁ ପ୍ରାର୍ଥନା କଲେ। ସବୁ କଥା ଶୁଣି ଅଗସ୍ତି ମୁନି ସଂଗେ ସଂଗେ ବିନ୍ଧ୍ୟ ପର୍ବତ ପାଖକୁ ଗଲେ। ଅଗସ୍ତି ମୁନିଙ୍କ ସମସ୍ତେ ଜାଣନ୍ତି ଓ ସମ୍ମାନ କରନ୍ତି।

ଅଗସ୍ତି ମୁନିଙ୍କୁ ଦେଖି ବିନ୍ଧ୍ୟ ପର୍ବତ ମୁଣ୍ଡ ନୁଆଇଁ ପ୍ରଣାମ କଲା। ଅଗସ୍ତି ଋଷି ସଂଗେ ସଂଗେ କହିଲେ- ତୁମେ ଏହିପରି ରହିଥାଅ। ମୁଁ ମୋ ଯାତ୍ରାରେ ଫେରିଲା ପରେ ମୁଣ୍ଡ ଉପରକୁ କରିବ। ଏହିପରି ବିନ୍ଧ୍ୟ ପର୍ବତର ଗର୍ବ ଚୂର୍ଣ୍ଣ ହେଲା।

ପିଲାମାନେ - ଗର୍ବ କଲେ ବିନ୍ଧ୍ୟ ପର୍ବତ ପରି ପରିସ୍ଥିତିର ସାମ୍ନା କରିବାକୁ ପଡ଼େ। ତେଣୁ କେବେ ଗର୍ବ କରିବନି। ମିନା ଅପା ସେଦିନର ରାମାୟଣ କଥା ସାରିଲେ।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

## କବିତା
### ତୁମ ପାଇଁ

## ଭଙ୍ଗା ଗଢ଼ା

ବିଜୟଲକ୍ଷ୍ମୀ ପାଣିଗ୍ରାହି

ବାଦଲ ଭାଙ୍ଗିଲେ ଝରଇ ବରଷା
ଧରଣୀ ହୁଏ ଶୀତଳ
ମାଟି ଭାଙ୍ଗି ଚାଷ କରୁଥାଏ ଚଷା
ଜଗତେ ହୁଏ ମଙ୍ଗଳ।

ଗଢ଼ିହୁଏ ଭଙ୍ଗା ଶିଳାରେ ଦେଉଳ
ନିହାଣ ମୁଗୁର ସାଥେ
ଶୁଭ କାମ ପାଇଁ ଭାଙ୍ଗଇ ଶ୍ରୀଫଳ
ନିରତ ଜଗତ ହିତେ।

ମଞ୍ଜି ଭାଙ୍ଗି ହେଇ ଭୋକ ହରିଥାନ୍ତି
ଶରୀରେ ସଞ୍ଚନ୍ତି ବଳ
ଚିରା କଟା କନା ଗଢେ ଆମ ବସ୍ତ୍ର
ଦିଶେ ଶରୀର ସୁନ୍ଦର।

ଭଙ୍ଗା ଛଡି ଛାଟ ଖାଇଥିଲେ ଧନ
ସଂସାରରେ ଶିଷ୍ଟ ହୁଏ
କୁନି ଓଠ ଧାରୁ ଭଙ୍ଗା କଥା ଶୁଣି
ମନୁ ଦୁଃଖ ହଜିଯାଏ।

ଭଙ୍ଗା ଗଢ଼ା ଆମ ସଂସାର ନିୟମ
ହେବା ନାହିଁ ଆମେ ଦୁଃଖୀ
ଭାଙ୍ଗିଲେ ତ ଯାଇ ଗଢି ହେବା କଥା
ଜୀବନେ ପାରିବା ଶିଖି।

+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

## ବାଜି ରାଉତ

ବୀରକିଶୋର ନାୟକ

ସରିନଥିଲା ଯେ ବାଲିଘର ଖେଳ
ବାଲ୍ୟମନ ଚପଳତା,
ବୁଝିବା ଆଗରୁ ଜୀବନର ଅର୍ଥ
ଜଳିଲେ ହୋଇ ସଳିତା ।

ପିଲାଟି ଦିନରୁ ବାପ ଛେଉଣ୍ଡ ସେ
ନାମ ବାଜିଆ ରାଉତ,
ଦେଶ ସ୍ୱାଧୀନତା ଆନ୍ଦୋଳନେ ଥିଲେ
ସିଏ ସବୁଠାରୁ ଛୋଟ ।

ଢେଙ୍କାନାଳ ଜିଲ୍ଲା ନୀଳକଣ୍ଠପୁର
ଗ୍ରାମେ ହୋଇଥିଲେ ଜନ୍ମ,
ପିତାଙ୍କର ନାମ ହରି ରାଉତ ଯେ
ରାଣିଆ ମାତାଙ୍କ ନାମ ।

ଉଣେଇଶି ଶହ ଛବିଶି ମସିହା
ଅଟେ ଜନମ ବରଷ,
ଅକ୍ଟୋବର ମାସ ପାଞ୍ଚ ତାରିଖରେ
ହୋଇଥିଲେ ସେ ଭୂମିଷ୍ଠ ।

ପରଘରେ କାମ କରି ତାଙ୍କ ମାଆ
ଦୁଃଖେ ଦିନ କାଟୁଥିଲେ,
ଅତି ଅଲିଅଳ ବାଜିଆ ମୁହଁରେ
ହସ ବୋଳି ଦେଉଥିଲେ ।

ଢେଙ୍କାନାଳ ରାଜା ଶଙ୍କର ପ୍ରତାପ
ଥିଲେ ବହୁ ଅତ୍ୟାଚାରୀ,
ସାରଙ୍ଗଧରଙ୍କ ଆହ୍ୱାନେ ହୋଇଲା
ପ୍ରଜା ଆନ୍ଦୋଳନ ଜାରି ।

ଭୟଙ୍କର ଭାବେ ବଢ଼ି ଚାଲିଥିଲା
ଗଡଜାତ ଆନ୍ଦୋଳନ,
ଫିରିଙ୍ଗି ସଇନେ ରକ୍ତମୁଖା ହୋଇ
କଲେ ବିପ୍ଳବ ଦମନ ।

ଭୂବନ ଗ୍ରାମକୁ ଯିବା ଉଦ୍ଦେଶ୍ୟରେ
ଫିରିଙ୍ଗି ସୈନିକବଳ,
ବ୍ରାହ୍ମଣୀ ନଦୀର ମନ୍ଦାର ଘାଟରେ
ପହଞ୍ଚିଲେ ହୋଇ କାଳ ।

ଭୂବନ ପାର୍ଶ୍ୱରେ ଡ଼ଙ୍ଗା ବାନ୍ଧିଥିଲେ
ବାଳକ ବାଜି ରାଉତ,
ଫିରିଙ୍ଗି ନିର୍ଦ୍ଦେଶେ ଡ଼ଙ୍ଗା ନେଲେନାହିଁ
କରିଥିଲେ ପ୍ରତ୍ୟାଖ୍ୟାତ ।

କ୍ରୋଧରେ ସେମାନେ ଗୁଳି ଚଳାଇଲେ
ବାଜିଆ ପଡିଲେ ଟଳି,
ଭାରତର ମାଟି କାନ୍ଦିଲା ସେଦିନ
ଶିଶୁ ରକ୍ତ ହୋଇ ବୋଳି ।

ଉଣେଇଶି ଶହ ଅଠତିରିଶିର
ଅକ୍ଟୋବର ଏଗାରରେ,
ମାଟିର ପିଣ୍ଡଟା ବିପ୍ଳବର ବହ୍ନି
ଜାଳି ମିଶିଲା ମାଟିରେ ।

ଭାରତର ମୁକ୍ତି ସ୍ୱାଧୀନତା ଯୁଦ୍ଧେ
ବାନରସେନା ସେ ହୋଇ,
ବାର ବରଷରେ ସହିଦ ହୋଇଲେ
ଜାତିପାଇଁ ପ୍ରାଣ ଦେଇ ।

+ଖଣ୍ଡବନ୍ଧ, ଢେଙ୍କାନାଳ
ମୋ: ୮୮୪୭୮୪୨୨୯୭

# ପ୍ଲାଷ୍ଟିକ ବିରୁଦ୍ଧରେ ଯୁଦ୍ଧ



ମୂଳଲେଖା- ଶିଖର ଚନ୍ଦ ଜୈନ୍
ଅନୁକୃତି- ବିନୟ କୁମାର ଦାସ



ବିଜ୍ଞାନ ଶିକ୍ଷକ ଶ୍ରେଣୀ ଭିତରକୁ ପ୍ରବେଶ କରି ଏକ ମହତ୍ୱପୂର୍ଣ୍ଣ ଘୋଷଣା କଲେ, "ମୋତେ ଆଜି ଖୁବ୍ ଖୁସି ଲାଗୁଛି ଯେ ତୁମମାନଙ୍କ ଭିତରୁ ଜଣେ ଛାତ୍ରର ପ୍ରୋଜେକ୍ଟ ଫାଇଲ ଆମ ସ୍କୁଲର ବୋର୍ଡ ଦ୍ୱାରା ପ୍ରଥମ ସ୍ଥାନ ପାଇବାରେ ସଫଳ ହୋଇଛି । ଆଉ ସେ ଭାଗ୍ୟବାନ ଛାତ୍ରଜଣକ ହେଲେ ତୁମମାନଙ୍କର ଅତି ପ୍ରିୟ ବନ୍ଧୁ ମୋହିତ ପୁଣ୍ୟମୟ ।" ଏତକ ଶୁଣିବା ପରେ ସବୁ ଛାତ୍ର ଖୁସିରେ ତାଳି ମାରିବାକୁ ଲାଗିଲେ । ଶିକ୍ଷକ ପୁଣି କହିଲେ , " ଖାଲି ଏତିକି ନୁହେଁ , ତୁମେ ସବୁ ଆହୁରି ଖୁସି ହେବ ମୋର ଅନ୍ୟ ଏକ ଘୋଷଣା ଶୁଣି.. ତାହା ହେଲା ଆମ ରାଜ୍ୟ ସରକାରଙ୍କ ଶିକ୍ଷା ବୋର୍ଡ ଏହି ପ୍ରୋଜେକ୍ଟକୁ ସ୍ୱୀକୃତି ଦେବା ସହିତ ମୋହିତକୁ ଏକୋଇଶ ଶହ ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । " ପୁଣି ଥରେ କରତାଳିରେ କମ୍ପି ଉଠିଲା ଶ୍ରେଣୀଗୃହ । ସମସ୍ତେ ମୋହିତକୁ ଅଭିନଂଦନ ଜଣାଇଲେ । ମୋହିତ ବି ବହୁତ ଖୁସି ହେଲା ଆଉ ଉତ୍ସାହିତ ବି । ମାତ୍ର ତିନି ଜଣ ଛାତ୍ରଙ୍କ ମୁହଁ ଶୁଖିଗଲା । କାରଣ ସେମାନେ ମୋହିତକୁ ବହୁତ ଟିଟ୍‌କାରୀ ମାରିଥିଲେ ସେ ଯେଉଁଦିନ ତା ପ୍ରୋଜେକ୍ଟ ଫାଇଲଟିକୁ ଅନ୍ୟ ଛାତ୍ରମାନଙ୍କ ପରି ସେଲୋଫେନ୍ ପେପରରେ କଭର ନ କରି ଖୋଟରେ ପ୍ରସ୍ତୁତ ଏକ କନାରେ ଆଚ୍ଛାଦିତ କରି ଭିନ୍ନ ଏକ କଳାତ୍ମକ ଢଂଗରେ ଦାଖଲ କରି ଦେଇଥିଲା । ଛାତ୍ରମାନଙ୍କୁ ସମ୍ବୋଧିତ କରି ଶିକ୍ଷକ କହିଲେ , " ଆଜିର ତାରିଖରେ ଆମେ ଯଦି ସାରା ବିଶ୍ୱର ପର୍ଯ୍ୟାବରଣକୁ ଲକ୍ଷ୍ୟ କରିବା, ତେବେ ସ୍ପଷ୍ଟ ହେବ ଯେ ପ୍ଲାଷ୍ଟିକର ବହୁଳ ବ୍ୟବହାର ପାଇଁ କେବଳ ଯେ ଆମ ଦେଶ ଏକ ଅଜଣା ବିପଦ ଆଡକୁ ଗତି କରୁଛି ତା ନୁହେଁ ବରଂ ଆମେରିକା ପରି ମହାଶକ୍ତି ଦେଶ ବି ଏଥିପାଇଁ ଚିନ୍ତିତ ହୋଇ ପଡିଛି । ଏଇଥିପାଇଁ କ୍ୟାନସର ପରି ବହୁ ଅଜଣା ବ୍ୟାଧି ଆମକୁ କବଳିତ କରି ଚାଲିଛି । ପ୍ରାଣୀମାନଙ୍କର ଖାଦ୍ୟ ନଳୀ, ଶ୍ୱାସନଳୀ ରେ ନାନା ପ୍ରକାରର ସମସ୍ୟା ଦେଖା ଯାଉଛି । ବହୁ ସାମୁଦ୍ରିକ ଜୀବ ଓ ଗୋରୁଗାଈ ପରି ବହୁ ଗୃହପାଳିତ ପଶୁ ଏହାକୁ ଭକ୍ଷଣ କରିଦେବା ଫଳରେ ସେମାନଙ୍କର ଅକାଳରେ ମୃତ୍ୟୁ ହେଉଛି । ଗୋଟିଏ ବାକ୍ୟରେ କହିଲେ, ଏହି ପ୍ଲାଷ୍ଟିକର ବହୁଳ ବ୍ୟବହାର ହିଁ ସାରା ବିଶ୍ୱ ପାଇଁ ଏକ ମସ୍ତବଡ ବିପଦ ବନି ସାରିଲାଣି । ଏହି ସମସ୍ୟାକୁ ଆଖି ଆଗରେ ରଖି ମୋହିତ ଅତି ଗମ୍ଭୀରତା ସହକାରେ ତାର ପ୍ରୋଜେକ୍ଟ କାମ କରିଛି । ତେଣୁ ମୁଁ ତାକୁ ହିଁ କହୁଛି ସେ ତାର ପ୍ରୋଜେକ୍ଟ ବିଷୟରେ ତୁମମାନଙ୍କୁ କିଛି କହୁ ।" ଛାତ୍ରମାନେ କରତାଳି ଦେଇ ଶିକ୍ଷକଙ୍କ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଲେ ।

ମୋହିତ ଛିଡା ହୋଇ କହିବାକୁ ଲାଗିଲା , " ସର୍ବପ୍ରଥମେ ତ ମୁଁ ମୋର ଏହି ସଫଳତା ପାଇଁ ଆମ ବିଜ୍ଞାନଶିକ୍ଷକଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବି । କାରଣ ସେ ହିଁ ପ୍ରଥମ ବ୍ୟକ୍ତି ଯିଏ ମୋତେ ମୋ ପ୍ରୋଜେକ୍ଟ ପାଇଁ ଦିଗ୍ ଦର୍ଶନ ପ୍ରଦାନ କରିଛନ୍ତି ଆଉ ଆବଶ୍ୟକ ତଥ୍ୟ ଯୋଗାଇ ଦେଇ ମୋତେ ଉତ୍ସାହିତ କରିଛନ୍ତି । ଆମ ଦେଶର ସରକାରଙ୍କୁ ବି ମୁଁ ମୋର କୃତଜ୍ଞତା ଜଣାଇବି କାରଣ ପ୍ଲାଷ୍ଟିକର ଅସଦ୍ ଉପଯୋଗ କାରୀଙ୍କ ପାଇଁ ବିଭିନ୍ନ ପ୍ରକାରର କଠୋର ଆଇନ ପ୍ରଣୟନ କରି ଚାଲିଛନ୍ତି । ସରକାର ଯେତେ ଯାହା ଆଇନ ବା ନୀତି ବାହାର କଲେ ବି ଯେ ପର୍ଯ୍ୟନ୍ତ ସାଧାରଣ ଜନତା ନିଷ୍ଠାର ସହିତ ତାହାକୁ ପାଳନ ନ କରିଛନ୍ତି , ପୃଥିବୀର କୌଣସି ଦେଶ ଏହାର ସୁଫଳ ପ୍ରାପ୍ତ ହୋଇ ପାରିବ ନାହିଁ । ପ୍ଲାଷ୍ଟିକର ବହୁଳ ବ୍ୟବହାର ଆମର କ୍ଷତି ସାଧନ କରି ଚାଲିଛି, ପ୍ରଥମେ ସମସ୍ତେ ଏହାକୁ ହୃଦୟଙ୍ଗମ କରିବା ନିହାତି ଜରୁରୀ ଏବଂ ତଦନୁସାରେ ପ୍ରତ୍ୟେକ ନାଗରିକ ଏଥିପାଇଁ ନିଜକୁ ଦାୟୀ ବୋଲି ଭାବି ସେଥିରୁ ନିବୃତ ହେବା ପାଇଁ ପ୍ରୟାସ ଜାରି ରଖିବା ଉଚିତ । ତାହେଲେ ଯାଇ ଏହି ମାରାତ୍ମକ ବିପଦକୁ ଆମେ ଟଳାଇ ଦେଇ ପାରିବାରେ ସକ୍ଷମ ହୋଇପାରିବା । ଆଜିକାଲି ଆମେ ପ୍ରାୟ ସମସ୍ତେ ଶିକ୍ଷିତ, ତେଣୁ ଏତକ ବୁଝିବା ଆମ ପାଇଁ କିଛି କଷ୍ଟ ନୁହେଁ । ଅଥଚ ଆମେ କଣ କରୁଛୁ ?" ମୋହିତର ଏତକ କଥା ଶୁଣିବା ପରେ ଶ୍ରେଣୀର ସେହି ତିନିଜଣ ଛାତ୍ର ଡରିଗଲେ । ସେମାନେ ଭାବିନେଲେ ଯେ ଏହାପରେ ସେ ହୁଏତ ସମସ୍ତଙ୍କୁ ଏମାନଙ୍କ ନାମ ଜଣାଇ ଦେବ । ତେଣୁ ସେମାନେ ଇସାରାରେ ତାକୁ ଏମିତି ନ କରିବା ପାଇଁ ଠାରିଲେ । ମୋହିତ କହି ଚାଲିଥାଏ.. " ବିଗତ ଛଅ ମାସ ଧରି ମୁଁ ତମ୍ବାରେ ନିର୍ମିତ ପାଣିବୋତଲ, ଷ୍ଟିଲ ତିଆରି ଟିଫିନ ବକ୍ସ ଓ ସେଥିରେ ଏକକାଳୀନ ବ୍ୟବହାର କରାଯାଉଥିବା କାଗଜରେ ମୋ ଟିଫିନ ରଖୁଛି । ଏହାକୁ ଲକ୍ଷ୍ୟ କରି ମୋର କିଛି ବନ୍ଧୁ ମୋତେ କ୍ରାନ୍ତିକାରୀ କହି ଟିଟ୍‌କାରୀ ମାରିଛନ୍ତି । ଏହିଠାରେ ମୁଁ ସ୍ପଷ୍ଟ କରାଇ ଦେବାକୁ ଚାହୁଁଛି ଯେ ବାସ୍ତବରେ ଏହା ଥଟ୍ଟା ମଜାର କଥା ନୁହେଁ । ବରଂ ଏହାକୁ ସମସ୍ତେ ଅତି ଗମ୍ଭୀରତା ସହ ଗ୍ରହଣ କରିବା ଉଚିତ ଏବଂ ଅନ୍ୟମାନଙ୍କୁ ବି ସଚେତନ କରାଇବା ଉଚିତ ।" ତହୁଁ ବିବେକ ନିଜ ସ୍ଥାନରେ ଛିଡା ହୋଇ କହିଲା , " ତୁ ବି ଅଜବ କଥା କହୁଛୁ ମୋହିତ । ଆରେ ଏହା କଣ ସମ୍ଭବ ? ଆମେ ପରିବା ଆଣିବାକୁ ଗଲେ , ସେମାନେ ତ ଆମକୁ ପ୍ଲାଷ୍ଟିକ ଜରିରେ ପରିବା ଦେଉଛନ୍ତି । ଗ୍ରୋସରୀ ଦୋକାନ କୁହ କି ମିଷ୍ଟାନ୍ନ ଦୋକାନ...ମାଛ ମାଂସ ବି ସେମିତି ଜରିରେ ମିଳୁଛି । "

" ଠିକ୍ କଥା କହିଚୁ ବିବେକ । ଏଥିପାଇଁ ସେମାନେ ଯେତିକି ଦାୟୀ ନୁହନ୍ତି, ମୋ ମତରେ ଆମେ ବି ସେତିକି ଦାୟୀ । ଯଦି ଆମେ ଆମର ନିଜ ଥଳି ନେଇ ବଜାରକୁ ଯାଆନ୍ତୁ , ତେବେ ପ୍ଲାଷ୍ଟିକ ଜରିରେ ଆମେ ଜିନିଷ ଆଣନ୍ତୁବା କାହିଁକି ? ଏଇଠି ମୁଁ ମୋର ସମସ୍ତ ବନ୍ଧୁଙ୍କୁ ଅନୁରୋଧ କରୁଛି , ଆସନ୍ତା କାଲିଠାରୁ ଆମ ସ୍କୁଲର ପ୍ରତିଟି ଛାତ୍ର କନାରେ ତିଆରି ଥଳି ଧରି ବଜାରକୁ ଯାଆନ୍ତୁ । ଏହି ଅଭ୍ୟାସ ଆମ ସ୍କୁଲଛାତ୍ରମାନଙ୍କଠାରୁ ଆରମ୍ଭ ହେଉ । ମୋର ବିଶ୍ୱାସ ଏହା ଦେଖି ଅନ୍ୟମାନେ ବି ଏହାକୁ ନିଜର ଅଭ୍ୟାସ ରେ ପକାଇ ଦେବେ ।"

" ତୁ ଠିକ୍ କହିଛୁ ମୋହିତ । ମୁଁ ଜାଣିଛି ପ୍ଲାଷ୍ଟିକରେ ହଜାରେ ପ୍ରକାରର ବିପଦ ଜନକ ରାସାୟନିକ ଗୁଣ ଭରି ରହିଛି । ଏହା ଆମ ସ୍ୱାସ୍ଥ୍ୟ ପାଇଁ ବହୁତ ହାନିକାରକ । ତାପରେ ଏହା ସହଜରେ ନଷ୍ଟ ହୁଏ ନାହିଁ । ତେଣୁ ଅଧିକ ବିପଦ ତ ସେଇଠି । ଆମ ଦେଶରେ ବ୍ୟବହୃତ ପ୍ଲାଷ୍ଟିକର ରିସାଇକ୍ଲୋନିଂ କରାହେଉନି । ଏହା ପର୍ଯ୍ୟାବରଣକୁ ଆହୁରି ଜଟିଳ କରି ଚାଲିଛି । ସରକାର ଏଥିପାଇଁ ଆହୁରି କଠୋର ହେବା ଉଚିତ । ପ୍ଲାଷ୍ଟିକର ବ୍ୟବହାରକୁ ନିଷେଧ କରିବା ବାବଦରେ ଦୃଢ ପଦକ୍ଷେପ ନେବା ଉଚିତ ।" କହିଲା ଅନ୍ୟତମ ବନ୍ଧୁ ଦୀପଙ୍କର ।

" ତା ଅବଶ୍ୟ ଠିକ୍ । ତେବେ ସରକାର ଏ ବାବଦରେ ଦୃଢ ପଦକ୍ଷେପ ନେଇ ସାରିଛନ୍ତି । ୨୦୨୧ ଅଗଷ୍ଟ ରେ ପର୍ଯ୍ୟାବରଣ ମନ୍ତ୍ରଣାଳୟ ଏଥିପାଇଁ ନୀତି ନିୟମ ବାହାର କରିସାରିଛନ୍ତି ଓ ବିଜ୍ଞପ୍ତି ବି ପ୍ରକାଶିତ ହୋଇଛି । ଆମର ଦାୟିତ୍ୱ ସେତକ ନିଷ୍ଠାର ସହିତ ପାଳନ କରିବା ।"

ତା ବକ୍ତବ୍ୟ ଶେଷ ହେଲା ମାତ୍ରେ ସମସ୍ତେ ପୁଣି ଥରେ କରତାଳି ଦେଇ ମୋହିତକୁ ଅଭିବାଦନ ଜଣାଇଲେ ।

♥ ଅନାମିକା ନୀଡ,
ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

# ଉପହାର

ଶ୍ରୀମତୀ ବସନ୍ତ ମିଶ୍ର



ପ୍ରଭାତ ଯେପରି ଧୀର, ନମ୍ର ସେହିପରି ଭଲ ପଢୁଥିବାରୁ ବିଦ୍ୟାଳୟର ଶିକ୍ଷକମାନଙ୍କଠାରୁ ଆରମ୍ଭ କରି ପିଲାମାନେ ସମସ୍ତେ ତାକୁ ବହୁତ ଆଦର ସ୍ନେହ କରନ୍ତି। ମନ ଲଗାଇ ପାଠ ପଢିବା ସଙ୍ଗେ ସଙ୍ଗେ ଅବସର ସମୟରେ ତାଙ୍କ ଘର ଆଗରେ ଥିବା ଛୋଟ ବଗିଚାଟିରେ ନାନା ରକମର ଫୁଲ, ଫଳ ଗଛମାନ ଲଗାଇଛି। ରଙ୍ଗ ବେରଙ୍ଗର ଫୁଲମାନ ଫୁଟି ବଗିଚାଟି ଅତି ସୁନ୍ଦର ଦେଖାଯାଉଥାଏ। ବାଟଗଲା ଲୋକ ସେ ସବୁକୁ ଘଡ଼ିଏ ଚାହିଁରହେ। ଫୁଲଗୁଡ଼ିକୁ ଓ ତା' ଭିତରେ ବୁଲୁଥିବା ପ୍ରଜାପତିମାନଙ୍କୁ ଦେଖି ପ୍ରଭାତ ବହୁତ ଖୁସି ହୁଏ। ଏହିପରି ଖୁସିରେ ତା'ର ସମୟ କଟି ଯାଉଥାଏ।

ମାତ୍ର ଆଜି ପ୍ରଭାତର ମନ ଜମା ଭଲ ନାହିଁ। କାଲି ତା'ର ଜନ୍ମଦିନ। ପିଲାମାନେ ତାଙ୍କ ଜନ୍ମଦିନରେ ଚକୋଲେଟ, ମିଠା ନହେଲେ ଅନ୍ୟ କିଛି ଜିନିଷ ଶ୍ରେଣୀର ସବୁ ପିଲାମାନଙ୍କୁ ଉପହାର ଦେବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ କିଛି ନା କିଛି ଉପହାର ଦେଇଥାଆନ୍ତି। ମାତ୍ର ତା'ର ବାପା ଜଣେ ଦିନ ମଜୁରିଆ। ନିତି ମଜୁରି ଲାଗି ସେ ଯାହା ଆଣନ୍ତି, ସେଥିରେ ତାଙ୍କ ପରିବାର ଦୁଃଖେ କଷ୍ଟେ ଚଳିଯାଏ। ତେଣୁ ସେ ବାପାଙ୍କୁ ଟଙ୍କା କିମ୍ବା କିଛି ଜିନିଷ କିଣିଦେବାକୁ କହିବ କେମିତି? ଏଇ ସବୁ କଥା ଭାବି ଭାବି ପଢ଼ାରେ ବି ତା'ର ମନ ଲାଗୁ ନ ଥାଏ। ଏହି ସମୟରେ ତା'ର ମା' କୌଣସି କାମରେ ତା' ପଢ଼ାଘର ଭିତରକୁ ପଶି ଆସିଲେ।

ପ୍ରଭାତ ପାଠ ନ ପଢ଼ି ମନ ମାରି ବସିଥିବାର ଦେଖି ତା'ର କାରଣ ତାକୁ ପଚାରିଲେ। ସେ ମା'ଙ୍କ ଆଗରେ ସବୁ କଥା ଖୋଲି କହିଲା। ମା' ତାକୁ ବୁଝାଇଲେ - "ଜନ୍ମଦିନରେ ଉପହାର ତ ଦେବାକଥା। ଯାହା ବି ଦେଲେ ଚଳିବ। ତୁ ଏତେ ପରିଶ୍ରମ କରି ବଗିଚାରେ କେତେ ସୁନ୍ଦର ସୁନ୍ଦର ଫୁଲ ଫୁଟାଇଛୁ। ସେଇ ଫୁଲକୁ ନେଇ ଗୋଟିଏ ଲେଖାଏଁ ସମସ୍ତଙ୍କୁ ଉପହାର ଦେ'। ଦେଖିବୁ ସମସ୍ତେ ଭାରି ଖୁସିହେବେ। ଏଥିରେ କିଛି ପଇସା ବି ଖର୍ଚ୍ଚ ହେବନାହିଁ।" ପ୍ରଭାତ ମନକୁ ମା'ଙ୍କ କଥା ପାଇଲା। ପରଦିନ ସକାଳୁ ପ୍ରଭାତ ବଗିଚାରୁ କିଛି ସୁନ୍ଦର ସୁନ୍ଦର ଫୁଲ ତୋଳି ବ୍ୟାଗରେ ରଖି ବିଦ୍ୟାଳୟକୁ ଗଲା। ସାଙ୍ଗ ପିଲାମାନଙ୍କୁ ତା'ର ଜନ୍ମଦିନ ବୋଲି କହି ସେଥିରୁ ଗୋଟିଏ ଗୋଟିଏ ଉପହାର ଦେବା ସଙ୍ଗେ ସଙ୍ଗେ ଗୁରୁଜୀ, ଗୁରୁମା'ମାନଙ୍କୁ ମଧ୍ୟ ଦେଲା। ସମସ୍ତେ ବହୁତ ଖୁସି ହୋଇଗଲେ। ଶ୍ରେଣୀ ଶିକ୍ଷକ ତାକୁ ପଚାରିଲେ - " ଏ ଫୁଲ କ'ଣ ତୁ କିଣିକି ଆଣିଛୁ?" ସେ ନିଜେ ଅବସର ସମୟରେ ପରିଶ୍ରମ କରି ବଗିଚାରେ ଫୁଲଚାଷ କରିଥିବା କଥା କହିଲା। ଶିକ୍ଷକ ତାକୁ କୁଣ୍ଢାଇ ପକାଇ ବହୁ ପ୍ରଶଂସା କଲେ।

ବିଦ୍ୟାଳୟ ଛୁଟି ପରେ ଶିକ୍ଷକ ସବୁ ପିଲାଙ୍କୁ ନେଇ ତା'ର ବଗିଚା ଦେଖିବାକୁ ଆସିଲେ। ତା'ର ଫୁଲ ବଗିଚା ଦେଖି ତାକୁ ଧନ୍ୟ ଧନ୍ୟ ପ୍ରଶଂସା କଲେ। ଅନ୍ୟ ପିଲାମାନଙ୍କୁ ମଧ୍ୟ ଫୁଲଗଛ ତଥା ଯେ କୌଣସି ଗଛ ଲଗାଇବାର ଉପକାରିତା ବିଷୟରେ ବୁଝାଇ, ଅବସର ସମୟରେ ଗଛମାନ ଲଗାଇବାକୁ ପରାମର୍ଶ ଦେଲେ। ସେ ବର୍ଷ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପ୍ରଭାତକୁ ତା'ର ଏପରି କାମ ପାଇଁ ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଗଲା।

♥ ମଣିସାହି, ମାଧବନଗର,
ଭଦ୍ରକ - ୭୫୬୧୮୧
ମୋ: ୯୪୩୯୫୫୪୯୬୪

## ୧୩ରେ ବିଧାନସଭା ଘେରିବେ ଗାଁସାଥୀ

ଭୁବନେଶ୍ୱର, ୩/୧୨ (ନି.ପ୍ର): ୫ ଦଫା ଦାବି ନେଇ ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୧୩ ତାରିଖରେ ବିଧାନସଭା ଘେରାଉ କରାଯିବା ସହ କର୍ମକର୍ତାମାନେ ବିଧାୟକ/ ବିଧାୟିକା ମାନଙ୍କୁ ଭେଟିବେ । ସେହିପରି ୧୪ ତାରିଖ ଦିନ ମହାସମାବେଶ କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ କହିଛନ୍ତି । ପଂଚାୟତିରାଜ ବିଭାଗର ସ୍ଥାୟୀ ନିଯୁକ୍ତି , ମାସିକ ୮ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଦେବା, ସମସ୍ତ ଗାଁସାଥୀ (ମେଟ୍) ରେ ସଠିକ୍ ରେଜିଷ୍ଟ୍ରଡ୍ କରିବା ସହିତ ଜିଓଟେକ୍ କାମ ଦିଆଯାଉ , ଜବକାର୍ଡଧାରୀଙ୍କ ନିର୍ଦ୍ଦିଷ୍ଟ କର୍ମଯୋଗାଣ ଦିବସ ୧୦୦ ରୁ ୨୦୦ ଦିନକୁ ବୃଦ୍ଧି ଓ ଦୈନିକ ମଜୁରୀ ୩୦୦ ଟଙ୍କାରୁ ଉର୍ଦ୍ଧ୍ୱକୁ ବୃଦ୍ଧି ଏବଂ ମେଟ୍' ପରିବର୍ତେ ପୁନର୍ବାର ଗାଁସାଥୀ ପଦବୀକୁ କାଏମ୍ ରଖିବାକୁ କମିଟି ଦାବି କରିଛି ।

## ଡିବିଟିରେ ଅବହେଳା କରୁଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅ : କୃଷି ମନ୍ତ୍ରୀ

ଭୁବନେଶ୍ୱର,୩/୧୨ (ନି.ପ୍ର): ୫-'ଟି' ମାଧମରେ କର୍ମକ୍ଷେତ୍ରରେ ସ୍ୱଚ୍ଛତା ଓ କର୍ମଚାରୀମାନଙ୍କ ଦକ୍ଷତା ଉପରେ ନିରପେକ୍ଷ ଆଲୋକପାତ କରାଯିବା ସଙ୍ଗେ ସଙ୍ଗେ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଏହାର ସଫଳ ରୂପାୟନ ପାଇଁ ପଦକ୍ଷେପ ନେବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି । କୃଷି କ୍ଷେତ୍ର ପ୍ରଦର୍ଶନର ରୂପାୟନ ସଂପର୍କିତ ଆୟୋଜିତ ଏକ ବୈଠକରେ ମନ୍ତ୍ରୀ କହିଥିଲେ ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତରଣ (ଡିବିଟି) ମାଧମରେ ସରକାରୀ ପ୍ରୋତ୍ସାହନ ତଥା ସହାୟତା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଚାଷୀମାନଙ୍କର ବ୍ୟାଙ୍କ ଜମାଖାତାକୁ ସିଧାସଳଖ ରିହାତି ଅର୍ଥ ପ୍ରଦାନ କରାଯାଉଛି । ଏପରି ବ୍ୟବସ୍ଥାରେ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମର କାର୍ଯ୍ୟଶୈଳୀ ଉତ୍ସାହଜନକ ନୁହେଁ ବୋଲି ଦର୍ଶାଇ ମନ୍ତ୍ରୀ ଡ. ସାହୁ ସୁଧାର ତଥା ଅଧିକ ଅଗ୍ରଗତି ନିମନ୍ତେ ପଦାଧିକାରୀମାନଙ୍କୁ ତାଗିଦ୍ କରିବା ସହିତ ଚଳିତ ମାସ ୧୭ ତାରିଖରେ ଅନ୍ୟ ଏକ ସମୀକ୍ଷା ବୈଠକ ଆୟୋଜନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସୁଧାର ବ୍ୟବସ୍ଥାରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦେଇଛନ୍ତି । ଅନୁରୂପ ଭାବରେ ଉତ୍ସାହଜନକ କାର୍ଯ୍ୟଶୈଳୀ ପ୍ରଦର୍ଶନ କରୁଥିବା ଅଧିକାରୀମାନଙ୍କୁ ପୁରସ୍କୃତ କରିବା ନିମନ୍ତେ ବନ୍ଦୋବସ୍ତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ମଧ ଡିବିଟିରେ ଅନ୍ତର୍ଭୁକ୍ତ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ଉପରେ ମତ ଦେଇଥିଲେ । କାର୍ଯ୍ୟକ୍ରମରେ ଅଧିକ ନିଷ୍ଠା ଓ ଆନ୍ତରିକତା ପ୍ରଦର୍ଶନ ଉପରେ ସେ ଗୁରୁତ୍ୱ ଦେଇଥିଲେ । ଆଭାସୀ ମାଧମରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସମସ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, କୃଷି ଜିଲ୍ଲା ଅଧିକାରୀ, ଗୋଷ୍ଠୀ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀମାନେ ଯୋଗଦେଇଥିଲେ । ବୈଠକରେ ମଧ ରାଜ୍ୟ ଯୋଜନା ଓ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯାଇଥିବାବେଳେ କ୍ଷେତ୍ରୀୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାସ୍ଥ୍ୟ ବିଭାଗ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟରେ କୋଭିଡ୍ ପରିଚାଳନା ଆଲୋଚନା

ଭୁବନେଶ୍ୱର, ୦୨ ଡିସେମ୍ବର - ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟରେ କୋଭିଡ୍-୧୯ର ପରିଚାଳନା ସଂପର୍କରେ ବିସ୍ତୃତ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧି ଯୋଗଦେଇ କହିଲେ ଯେ ଓଡ଼ିଶା କୋଭିଡ୍-୧୯ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛି ଓ ଦୃଷ୍ଟି ଆକର୍ଷଣ କରିପାରିଛି । ତେବେ ଏ କ୍ଷେତ୍ରରେ ଡକୁମେଣ୍ଟେସନ୍ ର ଆବଶ୍ୟକତା ରହିଛି । ସବୁଜିନିଷକୁ ସଠିକ୍ ଭାବେ ଡକୁମେଣ୍ଟେସନ୍ କରିପାରିଲେ ଅନ୍ୟମାନେ ତାକୁ ଅନୁସରଣ କରିପାରିବେ । ଏହି ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାଙ୍କର ବାଲେଶ୍ୱର ଜିଲ୍ଲା ଗସ୍ତ ସଂପର୍କରେ ଅନୁଭୂତି ବର୍ଣ୍ଣନା କରିବା ସହ ଜିଲ୍ଲାରେ କୋଭିଡ୍ -୧୯ ପରିଚାଳନା କ୍ଷେତ୍ରରେ ଆଖିଦୃଶିଆ କାର୍ଯ୍ୟ ହୋଇଥିବା କଥା ଉଲ୍ଲେଖ କରିଥିଲେ । ବାଲେଶ୍ୱର ଜିଲ୍ଲାରେ ଥିବା ଅକଲୁଲାରୀ ସ୍ୱାସ୍ଥ୍ୟ କେନ୍ଦ୍ର (ଏଏଚ୍ଏଫ୍)ଗୁଡ଼ିକରେ କୋଭିଡ୍-୧୯ ପରିଚାଳନା ବ୍ୟତୀତ ଏବେ ଟିକାଦାନ, ସ୍ୱାସ୍ଥ୍ୟସେବା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଶିବିର ଓ ଆବଶ୍ୟକ ସ୍ଥଳେ ଆଶ୍ରୟ କେନ୍ଦ୍ର ଇତ୍ୟାଦି ପରିଚାଳନା କରାଯାଇପାରୁଛି । ଏହି କେନ୍ଦ୍ରଗୁଡ଼ିକ ବହୁମୁଖୀ ସେବା ପ୍ରଦାନରେ ସହାୟକ ହୋଇପାରୁଛି । ବିପର୍ଯ୍ୟୟ ସମୟରେ ସ୍ୱାସ୍ଥ୍ୟସେବା ପରିଚାଳନା ସଂପର୍କରେ ମଧ ଏହି ଅବସରରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଡା. ନିହାର ରଞ୍ଜନ ରାୟ, ଡା. ସୌରଭ ଓ ଡା. ମନୀଷ ଉପସ୍ଥିତ ଥିବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଅଜିତ କୁମାର ମହାନ୍ତି ଓ ଡା. ଦିନବନ୍ଧୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଗଣମାଧ୍ୟମ ଗାନ୍ଧୀ କଥାକୁ ଘରେ ଘରେ ପହଞ୍ଚାଉ : କୁମାର ପ୍ରଶାନ୍ତ

ଭୁବନେଶ୍ୱର ,୩/୧୨ (ନି.ପ୍ର): ଗାନ୍ଧୀଙ୍କ କଥା ଘରେ ଘରେ ପହଞ୍ଚିବା ପାଇଁ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି । ଗାନ୍ଧୀ ମଧ ସାମ୍ବାଦିକ ଥିଲେ । ସମ୍ବାଦପତ୍ର ଜରିଆରେ ଜନଜାଗରଣ ସୃଷ୍ଟି କରିବା ପାଇଁ ସେ ଉଦ୍ୟମ କରୁଥିଲେ ଏବଂ ସଫଳ ମଧ ହୋଇଥିଲେ । ତାଙ୍କର ଦାୟାଦ ଭାବେ ପ୍ରତ୍ୟେକ ସାମ୍ବାଦିକ ଗାନ୍ଧୀ କଥାକୁ ପ୍ରଚାର ପ୍ରସାର କରିବା ଆବଶ୍ୟକ ବୋଲି କହିଛନ୍ତି ଗାନ୍ଧୀବାଦୀ ପ୍ରଚାରକ କୁମାର ପ୍ରଶାନ୍ତ । ଓଡ଼ିଶା ଗସ୍ତ ଅବସରରେ ସ୍କାଉଟ୍ ଆଣ୍ଡ ଗାଇଡ୍ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ଗଣମାଧ୍ୟମ ମୁଖ୍ୟଙ୍କ ସହ ଆଲୋଚନାରେ ସେ ଏହା କହିଛନ୍ତି । 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଏଥିରେ ଯୋଗ ଦେଇ କହିଥିଲେ, ଗାନ୍ଧୀଙ୍କ କଥାକୁ ପ୍ରଚାର କରିବା ପାଇଁ କୁମାର ପ୍ରଶାନ୍ତ ଯେଉଁ ଉଦ୍ୟମ କରୁଛନ୍ତି, ତାହା ପ୍ରଶଂସନୀୟ । ଆଜିର ପିଢ଼ି ଏ ସବୁ ଜାଣିବାର ଆବଶ୍ୟକତା ରହିଛି । ବେଳେବେଳେ କୁମାର ପ୍ରଶାନ୍ତଙ୍କ 'ଗାନ୍ଧୀଙ୍କ କଥା' ଆମେ ଛାପିବା ବେଳେ କେତେକ ସ୍ତରରୁ ବିରୋଧ ହେଉଛି । ହେଲେ ଆମେ ଛାପୁଛୁ । କିନ୍ତୁ ମୁଦ୍ରିତ ଗଣମାଧ୍ୟମ ଯୁଗର ଅବସାନ ଘଟିବାକୁ ଯାଉଛି । ନୂତନପିଢ଼ି ଏଥିପ୍ରତି ଆଉ ଆକୃଷ୍ଟ ହେଉନାହାନ୍ତି । ତେଣୁ ଗାନ୍ଧୀଙ୍କ କଥା ପ୍ରଚାର ପ୍ରସାର କରିବାକୁ ହେଲେ ନୂଆ ବ୍ୟବସ୍ଥା ସଂପର୍କରେ ଚିନ୍ତା କରିବାକୁ ପଡ଼ିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, ଡ. ବିଶ୍ୱଜିତ, ଜୟନ୍ତ ଦାସ, ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । କୁମାର ପ୍ରଶାନ୍ତ ସମସ୍ତଙ୍କୁ ସୂତା ମାଳ ପିନ୍ଧାଇବା ସହ 'ହିନ୍ଦ୍ ସ୍ୱରାଜ୍' ପୁସ୍ତକ ପ୍ରଦାନ କରି ଗାନ୍ଧୀଙ୍କ ପରିବାରରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ ।

## କୋଣାର୍କ ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ସତ୍ରିୟା ଓ ଓଡ଼ିଶୀରେ ବିଭୁବନ୍ଦନା

କୋଣାର୍କ /ଭୁବନେଶ୍ୱର,୩/୧୨ (ନି.ପ୍ର): କୋଣାର୍କ ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ଶାସ୍ତ୍ରୀୟ ସତ୍ରିୟା ନୃତ୍ୟ ଓ ଓଡ଼ିଶୀ ନୃତ୍ୟରେ ଆଧ୍ୟାତ୍ମ ଭାବର ପ୍ରକାଶ ମୁକ୍ତାକାଶ ମଂଚକୁ ଭକ୍ତିମୟ କରିଥିଲା । ସ୍ୱନାମଧନ୍ୟା ସତ୍ରିୟା ନୃତ୍ୟଗୁରୁ ଅନୀତା ଶର୍ମା ଓ ଅଭିନୟ ଡ୍ୟାନସ୍ ଏକାଡେମୀ ର ଶିଳ୍ପୀ କୃଷ୍ଣ ବନ୍ଦନା-ସୁତ୍ରଧରୀ ନୃତ୍ୟରୁ ଆରମ୍ଭ କରିଥିଲେ ସଂଧ୍ୟାର କାର୍ଯ୍ୟକ୍ରମ, ପରେ ପରେଉସତ୍ରିୟା ନୃତ୍ୟର ପ୍ରସିଦ୍ଧ ଚାଲି ନାଚ୍ ଲୀଳା ଗୋବିନ୍ଦମ୍ ଶୁଦ୍ଧନୃତ୍ୟ ରାଜଘୋରିୟା ଚାଲି ଓ ଗଜେନ୍ଦ୍ର ମୋକ୍ଷ ପରିବେଷଣ ସହ ଏକ ସମର୍ପଣ ଆବେଗ ସୃଷ୍ଟି କରିଥିଲେ ଶିଳ୍ପୀଗଣ । ଭାସ୍କରଜ୍ୟୋତି ଓଝା ଙ୍କ ସଂଗୀତ ସଂଯୋଜନା ଓ ଗୁରୁ ଅନୀତା ଶର୍ମାଙ୍କ ନୃତ୍ୟ ସଂଯୋଜନା ଦର୍ଶକଙ୍କୁ ଅଭିଭୂତ କରିଥିଲା ।

ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶୀ ନୃତ୍ୟର ସୁପ୍ରସିଦ୍ଧ ଗୁରୁ ନିରଞ୍ଜନ ରାଉତ୍ ଓ ନୂପୁର ଅନୁଷ୍ଠାନ, ଭୁବନେଶ୍ୱରର ଶିଳ୍ପୀଗଣ ପୁରାଣ ଆଧାରିତ ସୂର୍ଯ୍ୟଦେବଙ୍କ ଉପାସନାକୁ ନେଇ ପ୍ରସ୍ତୁତ କରିଥିଲେ ନୃତ୍ୟ ସ୍ତବକ । ଦ୍ୱିତୀୟ ଉପସ୍ଥାପନାରେ ଓଡିଶୀ ଶିଳ୍ପୀ ମଂଚସ୍ଥ କରିଥିଲେ ଓଡିଶୀ ନୃତ୍ୟ ପର୍ଯ୍ୟାୟ ଅନ୍ତର୍ଗତ ଶୁଦ୍ଧ ନୃତ୍ୟ ପଲ୍ଲବୀ । ରାଗ-ଦେଶ ଓ ଖେମଟା ତାଳ ଆଧାରିତ ପଲ୍ଲବୀ ନୃତ୍ୟ ଦର୍ଶକଙ୍କୁ ବିଭୋର କରି ବାନ୍ଧି ରଖିଥିଲା । ଶାସ୍ତ୍ରୀୟ ଓଡିଶୀର ଅନ୍ତିମ ପ୍ରସ୍ତୁତିରେ ରହିଥିଲା ଦଶମହାବିଦ୍ୟା ଅନ୍ତର୍ଗତ ଦେବୀ । ଶକ୍ତିଙ୍କର ବିବିଧ ପ୍ରକାଶ ମଧ୍ୟରେ କାଳୀ, ତାରା, ଷୋଡଶୀ, ଭୁବନେଶ୍ୱରୀ, ଧୂମାବତୀ ର ଦିବ୍ୟ ଚେତନାର ବାର୍ତାକୁ ପରଶି ଦେଇଥିଲେ ଶିଳ୍ପୀଗଣ । ଗୁରୁ ରାମହରି ଦାସଙ୍କ ସଂଗୀତ ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ତାଳବାଦ୍ୟ ଓ ଗୁରୁ ନିରଂଜନ ରାଉତଙ୍କ ନୃତ୍ୟ ସଂଯୋଜନା ର ଉପସ୍ଥାପନା ଖୁବ ଉଚ୍ଚକୋଟୀର ଥିଲା ।

ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ଓ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପ୍ରଦୀପ ପ୍ରଜ୍ୱଳନ କରି ସଂଧ୍ୟାର ଉଦଘାଟନ କରିଥିଲେ । ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଓ ସଂହତି ପାଣିଙ୍କ ମଂଚ ଉପସ୍ଥାପନାରେ ପରିଚାଳିତ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ଲୁନା ମହାପାତ୍ର, ଓଟିଡିସି ମହା ପରିଚାଳକ ଶାନ୍ତନୁ ମହାନ୍ତି, ପୁରୀ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ବିନୟ କୁମାର ଦାସ ଆଦି ଉପସ୍ଥିତ ରହିଥିଲେ । ସଂଗୀତ ନାଟକ ଏକାଡେମୀ ଅଧକ୍ଷ ଅରୁଣା ମହାନ୍ତି ଓ ସଚିବ ପ୍ରବୋଧ ରଥଙ୍କ ସହ ଡ. ସଂଗୀତା ଗୋସାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ଦେଇଥିଲେ । ବ୍ରାଣ୍ଡ ଅମ୍ବାସଡର ତଥା ଆର୍ନ୍ତଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ତତ୍ତ୍ୱାବଧାନରେ ଚନ୍ଦ୍ରଭାଗା ବେଳାଭୂମିରେ ଅନୁଷ୍ଠିତ ଆନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀର ଦ୍ୱିତୀୟ ଦିନରେ ମାଣବସା ଓ ପରିବେଶ ପର୍ଯଟନର ଉପରେ ଆଧାରିତ ବାଲୁକା କଳାର ପ୍ରଦର୍ଶିତ ହୋଇଥିଲା ଯାହାକୁ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ ବେଶ୍ ପରିଲିକ୍ଷିତ ହୋଇଥିଲା ।

## ମାଷ୍ଟରକ୍ୟାଣ୍ଟିନ ଛକରେ ଘଣ୍ଟି ବଜାଇଲେ ବିଜେପି କର୍ମୀ

ଭୁବନେଶ୍ୱର,୩/୧୨ (ନି.ପ୍ର): ଘଣ୍ଟି ବଜାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିଦରୁ ଉଠାଇବା ପାଇଁ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଅଭିନବ ଉପାୟରେ ପ୍ରତିବାଦ କରାଯାଇଛି । ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିଜେପି କର୍ମୀମାନେ ଘଣ୍ଟି ବଜାଇ ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି । ବିଜେଡି ଶାସନରେ ମହିଳା ଅସୁରକ୍ଷିତ ବୋଲି ନାରା ଦେଇ ଜିଲ୍ଲା ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । ମମିତା ମେହେର ଘଟଣାରେ ସମ୍ପୃକ୍ତ ମନ୍ତ୍ରୀ(ଗୃହ ରାଷ୍ଟ୍ରମନ୍ତ୍ରୀ) ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର କରାଯିବା ଓ ସିବିଆଇ ତଦନ୍ତ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ବାବୁ ସିଂହ କହିଛନ୍ତି । ଏଣେ ବିଧାନସଭାର ପବିତ୍ର ଗୃହରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ପ୍ରବେଶ କରିଥିବା ହେତୁ ସେହି ସ୍ଥାନକୁ ପବିତ୍ର କରିବା ଲାଗି ବିଜେପି ସଦସ୍ୟମାନେ ବାହାରେ ଗଙ୍ଗାଜଳ ଓ ଗୋବରପାଣି ସିଞ୍ଚନ କରି ଅଭିନବ ପ୍ରତିବାଦ ଜଣାଇଛନ୍ତି । ବିଧାନସଭାର ଶୀତକାଳୀନ ଅଧିବେଶନର ତୃତୀୟ ଦିନରେ ବି ଗୃହରେ ମମିତା ଝଡ଼ ଉଠିଛି । ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଲଗାତାର ଦ୍ୱିତୀୟ ଦିନ ପାଇଁ କଂଗ୍ରେସ ଓ ବିଜେପି ସଦସ୍ୟ ହଟଗୋଳ କରିଥିଲେ । ଏହାଫଳରେ, ପୂର୍ବାହ୍ନ ସାଢ଼େ ୧୧ଟା ଯାଏଁ ବିଧାନସଭାକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି । ଏହାପରେ ସମାନ ପରିସ୍ଥିତି ଉପୁଜିବାରୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ଅପରାହ୍ଣ ୪ଟା ଯାଏଁ ମୁଲତବୀ ଘୋଷଣା କରିଛନ୍ତି ।

## ଦରଦାମ୍ ବୃଦ୍ଧି ପ୍ରତିବାଦରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା

ଭୁବନେଶ୍ୱର,୩/୧୨ (ନି.ପ୍ର): ରନ୍ଧନଗ୍ୟାସ, ପେଟ୍ରୋଲ, ଡିଜେଲ ଓ ଖାଉଟି ସାମଗ୍ରୀର ଅହେତୁକ ଦରବୃଦ୍ଧି ସହିତ ଓଡିଶାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ନଦେବାକୁ ହୋଇଥିବା ଷଡଯନ୍ତ୍ର ଏବଂ ବେକାରୀ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିଜେଡିର ଆନ୍ଦୋଳନ ଜାରି ରହିଛି । ଗୁରୁବାର ଦିନ ପେଟ୍ରୋଲ ଓ ଡିଜେଲର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ରାଜଭବନ ନିକଟରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିବାଦ ସଭାରେ ମନ୍ତ୍ରୀ ଅଶୋକ ପଣ୍ଡା, ମାନ୍ୟବର ବିଧାୟକ ତଥା ସାଧାରଣ ସମ୍ପାଦକ(ଯୁବଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଭୁବନେଶ୍ୱର ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ ରାଉତ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଆଦି ଯୋଗ ଦେଇ ତୁରନ୍ତ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଦର ହ୍ରାସ ପାଇଁ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ସଂଯୋଜନା କରିଥିଲେ । ଆଜିର ପ୍ରତିବାଦ କାର୍ଯ୍ୟକ୍ରମରେ ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲ୍ଲା ସଭାପତି ସମରେଶ ବେଉରା, ଏଲିନା ଦାସ, ଧୃତି ମାର୍ଥା, ଜ୍ୟୋସ୍ନା ପରିଡା, ଏବଂ ଛାତ୍ର ବିଜେଡିର ରାଜେଶ ରାଜ ସ୍ୱାଇଁ, ଇପ୍ସିତା ସାହୁ, ଅଜିତ ବେହେର. ସ୍ୱାଗତିକା ଦାସଙ୍କ ସମେତ ୫ହଜାରରୁ ଉର୍ଦ୍ଧ୍ୱ ଛାତ୍ର ଓ ଯୁବ ସଂଗଠନର କର୍ମକର୍ତା ଉପସ୍ଥିତ ଥିଲେ । କେନ୍ଦ୍ର ବିରୁଦ୍ଧରେ ଚାଲିଥିବା ଏହି ଆନ୍ଦୋଳନ କାର୍ଯ୍ୟକ୍ରମରେ ଆସନ୍ତା କାଲି ବିଜୁ ମହିଳା ଜନତାଦଳ ପକ୍ଷରୁ ରନ୍ଧନଗ୍ୟାସ ଦରବୃଦ୍ଧି ନେଇ ଜୋରଦାର ପ୍ରତିବାଦ କରାଯିବ ଏବଂ ୪ତାରିଖରେ ବେକାରୀ ସମସ୍ୟା ନେଇ ଯୁବ ଓ ଛାତ୍ର ସଂଗଠନ ଆନ୍ଦୋଳନ କରିବାକୁ ସ୍ଥିର ହୋଇଛି ।

## ବାତ୍ୟା ଜାୱାଦ ପ୍ରତି ସତର୍କ ପୂର୍ବତଟ ରେଳପଥ

### ରେଳୱେ ପୋଲ, ଟ୍ରାକ, ୟାର୍ଡ ଓ ସିଗନାଲିଂ ପଦ୍ଧତି ଗୁଡ଼ିକ ଉପରେ ତୀକ୍ଷ୍ଣ ନଜର
### ପାଣି ଜମିବା ଓ ସାଇଡ ଡ୍ରେନ ଉପରେ ପଡ଼ିଥିବା ପଙ୍କ, ଗଛଲତା ଓ ଅନ୍ୟାନ୍ୟ ପ୍ରତିବନ୍ଧକର ପରିଷ୍କାର
### ଅତିରିକ୍ତ କଣ୍ଟ୍ରୋଲ ରୁମ, ହେଲପଲାଇନ ନମ୍ବର ଓ ବିପର୍ଯ୍ୟୟ ପରିଚାଳନା ସେଲକୁ ଖୋଲାଯିବ

ଭୁବନେଶ୍ୱର,୩/୧୨ (ନି.ପ୍ର): ପୂର୍ବତଟ ରେଳପଥ ବାତ୍ୟା ଜାୱାଦର ପ୍ରଭାବକୁ ଏଡ଼ାଇବା ପାଇଁ ଆହ୍ୱାନ ମୂଳକ ପଦକ୍ଷେପ ଗ୍ରହଣ କରିଛି । ଅତୀତର ଅଭିଜ୍ଞତାରୁ ପାଣିପାଗ ବିଭାଗର ପୂର୍ବାନୁମାନରୁ ଏହା ସହାୟତା ଲାଭକରିବ । ଯଦି ଜାୱାଦର ପ୍ରଭାବ ପଡ଼େ ତେବ ପୂର୍ବତଟ ରେଳପଥ ଯଥାଶୀଘ୍ର ଟ୍ରେନ ଚଳାଚଳ ଓ ରେଳୱେ ଟ୍ରାକ୍ର ପୁନଃ କାର୍ଯ୍ୟକ୍ଷମ ପାଇଁ ତତ୍ପର ରହିବାକୁ ଯୋଜନା କରିଛି । ଦିନରାତି ବିପର୍ଯ୍ୟୟ ପରିଚାଳନା ସେଲ୍କୁ ଏହାର ମୁଖ୍ୟ କାର୍ଯ୍ୟାଳୟ, ରେଳ ସଦନ ଠାରେ ଖୋଲାଯାଇଛି । ଆଉ ମଧ ଡିଭିଜନାଲ ମୁଖ୍ୟାଳୟ ଯଥା ବିଶାଖାପାଟଣା, ଖୋର୍ଦ୍ଧାରୋଡ଼ ଓ ସମ୍ବଲପୁରରେ ସ୍ଥାପନ କରାଯାଇଛି । ପୂର୍ବତଟ ରେଳପଥ ମଧ ଆପଦ ହୀନ ଟ୍ରେନ ଚଳାଚଳ ପାଇଁ ପଦେକ୍ଷପ ଗ୍ରହଣ କରିଛି । ଟ୍ରାକ୍ ସୁରକ୍ଷା, ଓଭରେହଡ଼ ବିଦ୍ୟୁତ୍ ଟ୍ରାକ, ସିଗନାଲିଂ ପଦ୍ଧତି ଓ ବିଦ୍ୟୁତିକରଣ ତୁରନ୍ତ ପୁନଉଦ୍ଧାର ପାଇଁ ସ୍ୱତନ୍ତ୍ର ଟିମ୍କୁ ନିୟୋଜିତ କରିଛି । ଯଦି ବିଜୁଳି ନରେହ ତେବେ ଡିଜି ସେଟ, ଜେନେରେଟରଗୁଡ଼ିକୁ ପ୍ରସ୍ତୁତ କରି ରଖାଯାଇଛି ସେହିପରି ପାଣିଟାଙ୍କିରେ ପାଣି ଭର୍ତି ଓ ପମ୍ପକୁ ସବୁ ପ୍ରମୁଖ ସ୍ଥାନରେ ରଖାଯାଇଛି । ପୂର୍ବତଟ ରେଳପଥର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ଟ୍ରେନ ଚଳାଚଳକୁ ସୁରକ୍ଷିତ କରିବାଲାଗି କୌଣସି ଜରୁରୀକାଳୀନ ପରିସ୍ଥିତି ଯଥା ରେଳ ଟ୍ରାକ୍ ନିକଟରେ ବନ୍ୟା ସ୍ଥିତିପ୍ରତି ସଜାଗ ରହିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ କୁମାର ମଧ ଜରୁରୀକାଳୀନ ବିଜୁଳି ଯୋଗାଣକୁ ପ୍ରସ୍ତୁତ ରଖିବା ସହ କ୍ଷେତ୍ର କମର୍ଚାରୀଙ୍କ କଲ୍ୟାଣ କାର୍ଯ୍ୟରେ ସଜାଗତା ପ୍ରତି ଗୁରୁତ୍ୱ ଦେଇଛନ୍ତି । ରେଲୱେ ସୁରକ୍ଷା ବଳ ଜରୁରୀ କାଳୀନ ଆବଶ୍ୟକତା ଅନୁସାରେ ସହଯୋଗ କରିବେ ଏବଂ ଏନ୍.ଡ଼ି.ଆର୍.ଏଫ୍ ଦଳ ସହ ସର୍ବଦା ସମ୍ପର୍କ ସ୍ଥାପନ । ସବୁ ଷ୍ଟେସନ୍ରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ଓ ରେଳ କଲୋନି ଓ ଷ୍ଟେସନ ଅଂଚଳରେ ଆର୍ପିଏଫ୍ ଜବାନମାନଙ୍କୁ ନିୟୋଜିତ କରାଯିବ । ଜରୁରୀକାଳୀନ ଟ୍ରେନ ଚଳାଚଳ ପାଇଁ ଡିଜେଲ୍ ଇଞ୍ଜିନ୍କୁ କାର୍ଯ୍ୟକାରୀ କରାଯିବ । ଜଳପ୍ଲାବିତ ଅଂଚଳଗୁଡ଼ିକ ପ୍ରତି ଧାନ ଦିଆଯିବ । ଏଥିପାଇଁ ପର୍ଯ୍ୟାପ୍ତ ପରିମାଣରେ ଟ୍ରାକ୍, ରେଳ ପୋଲଗୁଡ଼ିକର ବ୍ରିଜ ମରାମତି ସେବା ବ୍ୟବସ୍ଥା ସାମଗ୍ରୀ ଯଥା ବୋଲଡର, ବାଲି, ସିଣ୍ଡର, କ୍ୱାରିଡଷ୍ଟ, ବାଲାଷ୍ଟକୁ ଚିହ୍ନିତ ସ୍ଥାନମାନଙ୍କରେ ରଖାଯିବ । ଇଞ୍ଜିନିୟରିଂ ରିଲିଫ୍ ଭ୍ୟାନ୍ ଓ ଉପକରଣକୁ ପ୍ରସ୍ତୁତ କରି ରଖାଯିବ । ବ୍ରିଜ ସାମଗ୍ରୀକୁ ପ୍ରସ୍ତୁତ ରଖାଯିବ ଯେପରି ଆବଶ୍ୟକତା ଅନୁସାରେ କାର୍ଯ୍ୟକାରୀ ହୋଇପାରିବ । ପୂର୍ବତଟ ରେଳପଥ ସବର୍ଦା ପାଣିପାଗ ବିଭାଗର ପୂର୍ବାନୁମାନ ପ୍ରତି ସଜାଗ ରହିଛି ।

## ଚାଷ ହେବ କେମିତି ? : ରାଜ୍ୟର ୮୦ ପ୍ରତିଶତ ମାଟି ହେଲାଣି ଅମ୍ଳ

ଭୁବନେଶ୍ୱର ,୩/୧୨ (ନି.ପ୍ର): ଚାଷୀ ପାଇଁ ଏମିତି ହେଉଛି, ସେମିତି କରୁଛୁ, ଏ ଯୋଜନା କାର୍ଯ୍ୟକାରୀ କରୁଛୁ, ସେ ଯୋଜନାରେ ଅର୍ଥ ବରାଦ ହୋଇଛି । ଫସଲ, ଚାଷ, ଚାଷୀ ଆଦି ପ୍ରସଙ୍ଗ ଉଠିବା ମାତ୍ରେ ଏମିତି ମତ ରଖିଆସୁଛନ୍ତି ରାଜ୍ୟ ସରକାର । ହେଲେ ଚାଞ୍ଚଲ୍ୟକର ତଥ୍ୟଟି ହେଉଛି, ଓଡ଼ିଶାର ମାଟିରେ ଅମ୍ଳତାର ପରିମାଣ ବଢ଼ି ବଢ଼ି ଚାଲିଛି । ୨୦୦୮ ମସିହାରେ ଏହା ୬୯ ପ୍ରତିଶତ ଥିଲା, ଏବେ ୮୦ ପ୍ରତିଶତ ଛୁଇଁଲାଣି । ଅର୍ଥାତ୍ ୧୨ ବର୍ଷ ମଧ୍ୟରେ ୧୧ ପ୍ରତିଶତ ଅମ୍ଳତା ବଢ଼ିଗଲାଣି । ଆହୁରି ବିସ୍ମୟକର କଥା ହେଲା, ଅମ୍ଳ ମାଟିର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ନାହିଁ କିମ୍ବା ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ ଲାଗି ଉଦ୍ୟମ ହେଉନାହିଁ । ବରଂ ରାଜ୍ୟରେ ଅମ୍ଳ ମାଟିର ମୁକାବିଲା ପାଇଁ ବିଶିଷ୍ଟ କୃଷି ବୈଜ୍ଞାନିକ ନିରଞ୍ଜନ ପଣ୍ଡା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଥିବା ସମୟରେ କ୍ୟାଲସିୟମ ଥିବା ପେପର ମିଲ୍ ସ୍ଲଜ ସିଞ୍ଚନ ଯୋଜନା କାର୍ଯ୍ୟକାରୀ କରିଥିଲେ । ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଏହାକୁ ବନ୍ଦ କରାଯାଇଛି । ଏହା ବଦଳରେ ଅମ୍ଳର ମୁକାବିଲା ପାଇଁ କୃଷି ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କର କହିବା କଥା ହେଉଛି, ମାଟିରେ ଅମ୍ଳ ବଢ଼ିଲେ କୃଷି ଉତ୍ପାଦନ (ବିଶେଷକରି ଅଣଧାନ) ହ୍ରାସ ପାଏ । ତେଣୁ ମାଟିର ଅମ୍ଳ ଏବଂ ଦାରିଦ୍ର୍ୟ ପରସ୍ପରର ପରିପୂରକ ବୋଲି କହନ୍ତି ମାଟି ନେଇ ଗବେଷଣା କରୁଥିବା ଗବେଷକ । ରାଜ୍ୟର ସର୍ବାଧିକ ଗରିବ ଅଞ୍ଚଳ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ଏହି ଅମ୍ଳ ମାଟି ଅଧିକ ପରିମାଣରେ ରହିଛି । ଏହାକୁ ଦୃଷ୍ଟିରେ ରଖି ୨୦୦୮ ମସିହାରେ ଓୟୁଏଟି ପକ୍ଷରୁ ମାଟିର ଅମ୍ଳ ନେଇ ଗବେଷଣା ରିପୋର୍ଟ ପ୍ରକାଶିତ ହୋଇଥିଲା । ଏହାର ମୁକାବିଲା ପାଇଁ ମାଟିରେ କ୍ୟାଲସିୟମ ସିଞ୍ଚନର ପରାମର୍ଶ ଦିଆଯାଇଛି । ରାଜ୍ୟରେ ଥିବା ୯ଟି ପେପର ମିଲ୍ରୁ ନିର୍ଗତ ସ୍ଲଜରେ ପ୍ରାୟ ୪୦ ପ୍ରତିଶତ କ୍ୟାଲସିୟମ ରହିଥାଏ । ପ୍ରତି ହେକ୍ଟର ଜମିରେ ୫ କ୍ୱିଣ୍ଟାଲ ପେପର ସ୍ଲଜ ସିଞ୍ଚନ ହେଲେ ମାଟିର ଅମ୍ଳ ଦୂର ହେବା ସହିତ ଉତ୍ପାଦନ ପ୍ରାୟ ୨୫ ପ୍ରତିଶତ ବଢ଼ିପାରିବ ବୋଲି କୃଷି ବୈଜ୍ଞାନିକମାନେ ରିପୋର୍ଟରେ ସେବେ କହିଥିଲେ । ହେଲେ ଏହି ରିପୋର୍ଟରେ ସିନା ଲେଖା ହେଲା, ତାହା କିନ୍ତୁ ଜମିରେ ପ୍ରୟୋଗ ହେଲାନାହିଁ । ଏମିତିରେ ବି ଏହି ସ୍ଲଜ ପରିଚାଳନା ପେପର ମିଲ୍ ମାଲିକଙ୍କ ପାଇଁ ଚିନ୍ତାର କାରଣ ହୋଇଥାଏ । ଏଣୁ କୃଷକଙ୍କ କାମରେ ଏହା ଆସିପାରିଲେ ଶିଳ୍ପପତିଙ୍କ ଚିନ୍ତା ମଧ ଦୂର ହେବ । ତଥାପି ଏ ଦିଗରେ ସରକାରୀ ଆଗ୍ରହ ପରିଲକ୍ଷିତ ହେଉନାହିଁ ।

## ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୭୦ ଜଣ କରୋନା ପଜିଟିଭ୍ ଚିହ୍ନଟ: ୫୭ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୩/୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୭୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୫୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୧୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୫୭ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୨୪ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

## ଓମିକ୍ରନ ରିସ୍କ ଦେଶରୁ ଓଡିଶାକୁ ଫେରିଛନ୍ତି ୩୮୦ ଜଣ

ଭୁବନେଶ୍ୱର,୩/୧୨ (ନି.ପ୍ର): ଓମିକ୍ରନ ସଂକ୍ରମଣ ବିପଦ ଥିବା ଦେଶରୁ ଓଡ଼ିଶାକୁ ବର୍ତମାନ ସୁଦ୍ଧା ୩୮୦ ଜଣ ଫେରିଛନ୍ତି । ୨୮ ତାରିଖ ସୁଦ୍ଧା ଓଡ଼ିଶାକୁ ୨୨୪ ଜଣ ଆସିଥିବା ବେଳେ ୨୯ ତାରିଖରେ ୧୫୬ ଜଣ ଆସିଛନ୍ତି । ସମସ୍ତେ ଟେଷ୍ଟ କରି ଆସୁଛନ୍ତି । କୋଭିଡ୍ ରିପୋର୍ଟ ନେଗେଟିଭ ଥିଲେ ବି ୭ ଦିନ ସଙ୍ଗରୋଧରେ ରହିବେ । ବିଦେଶ ଫେରନ୍ତାଙ୍କ ତାଲିକା ଜିଲ୍ଲା ପ୍ରଶାସନକୁ ଦିଆଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି କୋଭିଡର ନୂଆ ଭାରିଆଂଟ ଓମିକ୍ରନ ବର୍ତମାନ ୨୬ଟି ଦେଶକୁ ବ୍ୟାପିଲାଣି । ସରକାରଙ୍କ ନିର୍ଦ୍ଦେଶ ରହିଛି, ଯେଉଁମାନେ ରିସ୍କ ଦେଶରୁ ଆସୁଛନ୍ତି, ସେମାନେ ନେଗେଟିଭ ରିପୋର୍ଟ ଧରିକି ଆସିବେ । ନିଜ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ପୋର୍ଟାଲରେ ଦେବା ଲାଗି ବାଧ୍ୟତାମୂଳକ କରାଯାଇଛି । ସମସ୍ତ ବିମାନବନ୍ଦରରେ ଟେଷ୍ଟିଂ କରାଯାଉଛି । ଟେଷ୍ଟ ରିପୋର୍ଟ ଯଦି ପିଜିଟିଭ ଆସିଲା ତାଙ୍କୁ ତୁରନ୍ତ ଆଇସୋଲେସନକୁ ପଠାଯିବ । ଯଦି ନେଗେଟିଭ ଆସିଲା ତାଙ୍କୁ ହୋମ କ୍ୱାରେଂଟାଇନରେ ଛଡା ଯିବ । ୭ ଦିନ କ୍ୱାରେଂଟାଇନରେ ରହିବା ପରେ ଅଷ୍ଟମ ଦିନ ତାଙ୍କର ପୁଣି ଥରେ ଟେଷ୍ଟ କରାଯିବ । ଯେହେତୁ ବିଦେଶ ଫେରନ୍ତା ବିମାନ ବନ୍ଦରରେ ଟେଷ୍ଟ କରି ଆସୁଛନ୍ତି ତେଣୁ ଆମେ ବର୍ତମାନ ସେମାନଙ୍କୁ ଟ୍ରେସ କରି ଅଷ୍ଟମ ଦିନ ତାଙ୍କର ଆରଟିପିସିଆର ଟେଷ୍ଟ କରିବାକୁ ପଦକ୍ଷେପ ନେଇଛୁ । ଯଦି ଏହି ଅଷ୍ଟମ ଦିନ ତାଙ୍କର ପଜେଟିଭ ଆସିଲା ସେ ଆଇସୋଲେସନକୁ ଯିବେ ନଚେତ ଆଉ ୭ ଦିନ ତାଙ୍କୁ ସେଲଫ ଅବଜରଭେସନରେ ରଖାଯିବ । ମୋଟ ୧୪ ଦିନ ତାଙ୍କୁ ସଙ୍ଗରୋଧରେ ରହିବାକୁ ହେବ । ଯେଉଁ ମାନଙ୍କର ପିଜେଟିଭ ଆସିବ ତାଙ୍କର ଜିନମ ସିକ୍ୟୁସେନିଂ କରାଯିବ । ସବୁ ପରିସ୍ଥିତିକୁ ମୁକାବିଲା ପାଇଁ ସରକାର ପ୍ରସ୍ତୁତ । ଆମେ ଆଡଭାଇଜାରି ଦେଇଛୁ । ସ୍ୱତନ୍ତ୍ର ଭାବେ ଭୁବନେଶ୍ୱର ବିଏମସି ଏବଂ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଆମେ କହିଛୁ ଯଦି କାହାର ଘରେ କ୍ୱାରେଂଟାଇନ ପାଇଁ ବ୍ୟବସ୍ଥା ହେଉନି ତାଙ୍କ ପାଇଁ କ୍ୱାରେଂଟାଇନ ବ୍ୟବସ୍ଥା କରିବେ । ଯଦି ସେମାନଙ୍କ ଭିତରୁ କେହି ପିଜେଟିଭ ବାହାରିଲେ କିଛି ନିର୍ଦ୍ଦିଷ୍ଟ ମେଡିକାଲରେ ବ୍ୟବସ୍ଥା କରିବା ବନ୍ଦୋବସ୍ତ ଚାଲିଛି । କାରଣ ଏମାନେ ଅନ୍ୟ କୋଭିଡ ରୋଗୀଙ୍କଠୁ ଅଲଗା ହୋଇ ଚିକିତ୍ସା ହେବେ । ଏବେ ଠୁ ସର୍ଭିଲାନ୍ସ ଆହୁରି ବଢ଼ିବ । ବିଶେଷ କରି ବିଦେଶ ଫେରନ୍ତାଙ୍କ ଉପରେ ଆମେ ତୀକ୍ଷଣ ନଜର ରଖୁଛୁ ବୋଲି ସେ କହିଛନ୍ତି ।

# ‘ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରତିଫଳନ’ ଉପରେ ଦୁଇଦିନିଆ ଆଞ୍ଚଳିକ ସମ୍ମିଳନୀ ଭୁବନେଶ୍ୱର ଠାରେ ଉଦ୍‌ଘାଟିତ



ଭୁବନେଶ୍ୱର, ୦୩/୧୨ (ନି.ପ୍ର): “ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରତିଫଳନ” ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଦୁଇ ଦିନିଆ ଆଞ୍ଚଳିକ ସମ୍ମିଳନୀ ଆଜି ଭୁବନେଶ୍ୱରଠାରେ ଉଦଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ (ଡିଏଆରପିଜି) ବିଭାଗ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ଆୟୋଜିତ ହେଉଛି। ଉଦଘାଟନୀ ଅଧିବେଶନରେ ଉଦବୋଧନ ଦେଇ ଡିଏଆରପିଜି ସଚିବ ଶ୍ରୀ ସଞ୍ଜୟ ସିଂ କହିଥିଲେ, “ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରଚଳନ କ୍ଷେତ୍ରରେ ଏହି ସମ୍ମିଳନୀ ସକାରାତ୍ମକ ଭୂମିକା ନିର୍ବାହ କରିବ। ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଉତ୍ତମ ପ୍ରଶାସନ କ୍ଷେତ୍ରରେ ଶ୍ରେଷ୍ଠ ବ୍ୟବସ୍ଥା ଏବଂ ଅଭିନବ ଉପାୟ ବିଷୟରେ ଜାଣିବା ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏହାକୁ ଦୀର୍ଘସ୍ଥାୟୀ କରିବା” ଉତ୍ତମ ପ୍ରଶାସନିକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ସିଂ କହିଥିଲେ ଯେ କେନ୍ଦ୍ର, ରାଜ୍ୟ, ଜିଲ୍ଲା ଏବଂ ପଞ୍ଚାୟତସ୍ତରରେ ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ପ୍ରତିଫଳନ ହେବା ଫଳରେ ଏହା ନାଗରିକ କୈନ୍ଦ୍ରିକ ପ୍ରଶାସନକୁ ସାକାର ରୂପ ଦେବାରେ ସହାୟକ ହେବ। ସର୍ବାଧିକ ପ୍ରଶାସନ ଏବଂ ସର୍ବନିମ୍ନ ସରକାର ସଂକଳ୍ପକୁ ଏହା ବାସ୍ତବରେ କାର୍ଯ୍ୟକାରୀ କରିବ। ଏ କ୍ଷେତ୍ରରେ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗର ପ୍ରୟାସକୁ କାର୍ଯ୍ୟକାରୀ କରିବା ଲାଗି ଉତ୍ତମ ପ୍ରଶାସନିକ କାର୍ଯ୍ୟକ୍ରମଗୁଡ଼ିକର ଦସ୍ତାବିଜ ପ୍ରସ୍ତୁତ କରିବା ଏବଂ ଏହାର ପ୍ରଚାରପ୍ରସାର କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ବିଭାଗ ପକ୍ଷରୁ ପ୍ରକାଶନୀ ଭଳି ମାଧ୍ୟମକୁ ଉପଯୋଗ କରାଯାଉଛି, ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ସହାୟତା ଯୋଗାଇ ଦିଆଯାଉଛି ଯାହାଫଳରେ ସେମାନେ ପେସାଦାର ଭାବେ ସେମାନଙ୍କର ଶ୍ରେଷ୍ଠ ପ୍ରଶାସନିକ ଉପାୟଗୁଡ଼ିକୁ ନେଇ ଏକ ରେକର୍ଡ ଦସ୍ତାବିଜ ପ୍ରସ୍ତୁତ କରିପାରିବେ। ଏ କ୍ଷେତ୍ରରେ ବିଭାଗ ପକ୍ଷରୁ ଅଭିନବ ବିଚାର ବିନିମୟ ଲାଗି ସମ୍ମିଳନୀ ଆୟୋଜନ କରାଯାଉଛି ଏବଂ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଯୋଜନା ମଧ୍ୟ କରାଯାଉଛି। ପ୍ରତ୍ୟେକ ପ୍ରୟାସ ସଫଳ ହେବାର ଏକ କାରଣ ରହିଛି। ଅଭିନବ ଉପାୟକୁ ସଫଳ, ଫଳପ୍ରଦ କରିବା ଲାଗି, ଭିନ୍ନ ଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରାଯାଉଛି। ପ୍ରତ୍ୟେକ ପରିସ୍ଥିତି ପାଇଁ ଭିନ୍ନ ରଣନୀତି ଓ ଜ୍ଞାନକୌଶଳ ପ୍ରୟୋଗ କରାଯାଉଥିବା ସେ କହିଥିଲେ। ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ଭି. ଶ୍ରୀନିବାସ ଉଦଘାଟନୀ ଅଭିଭାଷଣରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରତିନିଧିମାନଙ୍କୁ ଅଭିବାଦନ ଜଣାଇବା ସହିତ ସମ୍ମିଳନୀର ବିଷୟବସ୍ତୁ ଏବଂ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ଶ୍ରୀନିବାସ କହିଥିଲେ, “ଅଭିନବ ଉପାୟ ଅବଲମ୍ବନ କରିବା କ୍ଷେତ୍ରରେ ସାରା ଦେଶରେ ଜିଲ୍ଲା ପ୍ରଶାସନଗୁଡ଼ିକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଦୁଇଦିନିଆ ଆଞ୍ଚଳିକ ସମ୍ମିଳନୀ ଅବସରରେ, ଅଭିନବମାନ ଉପସ୍ଥାପନା କରାଯିବ ଯେଉଁଥିରୁ ଆମେ ଶିଖିପାରିବା ଏବଂ ଏହାକୁ ଆବଶ୍ୟକ କ୍ଷେତ୍ରରେ ପ୍ରତିଫଳିତ କରିପାରିବା।” ଉଦଘାଟନୀ ଅଧିବେଶନରେ ଉଦବୋଧନ ଦେଇ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଭାରତ ସରକାରଙ୍କ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗକୁ ଏପରି ଏକ ଆଞ୍ଚଳିକ ସମ୍ମିଳନୀ ଓଡ଼ିଶାରେ ଆୟୋଜନ କରିବା ଲାଗି ଧନ୍ୟବାଦ ଜଣାଇଥିଲେ। ଓଡ଼ିଶାରେ କେତେକ ଅଭିନବ ପ୍ରଶାସନିକ ସଂସ୍କାର ଉପରେ ସେ ଆଲୋକପାତ କରିଥିଲେ। ଶ୍ରୀ ମହାପାତ୍ର ତାଙ୍କ ଅଭିଭାଷଣରେ କହିଥିଲେ ଯେ, “ଆଜିର ଦିନରେ ନାଗରିକମାନେ ବିଶେଷ କରି ଯୁବପିଢ଼ି ସରକାରଙ୍କ ପୂର୍ବାପେକ୍ଷା ଅଧିକ ଆଶା କରୁଛନ୍ତି। ଆମେ ସେମାନଙ୍କର ଆଶା ପୂରଣ କରିବା ଦରକାର ଏବଂ ଉନ୍ନତ ମାନର ସେବା ଯୋଗାଇ ଦେବା ଉଚିତ୍। ଏ କ୍ଷେତ୍ରରେ ପାରସ୍ପରିକ ଅଭିଜ୍ଞତା ବିନିମୟ କ୍ଷେତ୍ରରେ ଏପରି ସମ୍ମିଳନୀ ବିଶେଷ ସହାୟକ ସାବ୍ୟସ୍ତ ହେବ ବୋଲି ସେ କହିଥିଲେ। ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଅନୁ ଗର୍ଗ ଉଦଘାଟନୀ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଏହି ଅଧିବେଶନରେ “ଅଭିନବ ଉପାୟ (ଜିଲ୍ଲାସ୍ତରୀୟ)” ବିଷୟ ଉପରେ ଆଲୋଚନା କରାଯାଇଥିଲା। ‘ସୋଲାପୁରରେ ଜଳ ସଂରକ୍ଷଣ ପ୍ରୟାସ’, ‘ମୃତ୍ତିକା-ଜୀବନର ଆତ୍ମା’ ଏବଂ ‘ସକ୍ଷମ ସୁରଜପୁର’ ଆଦି ଉପରେ ଏକ ଉପସ୍ଥାପନା କରାଯାଇଥିଲା। “ଅଭିନବ ଉପାୟ (କେନ୍ଦ୍ର ସରକାର) ଉପରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ଡିଏଆରପିଜିର ସ୍ୱତନ୍ତ୍ର ସଚିବ ଶ୍ରୀ ଭି. ଶ୍ରୀନିବାସ ଅଧ୍ୟକ୍ଷତା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଗୋପାଳପୁରରୁ ୪୭୦ କିମି ....

୯୦ ପ୍ରତିଶତରୁ ଅଧିକ ଜଳ ଗଚ୍ଛିତ ଅଛି। ସମ୍ଭାବ୍ୟ ବାତ୍ୟା ପରେ ହେବାକୁ ଥିବା ବର୍ଷା ଦ୍ୱାରା ଜଳଭଣ୍ଡାର ପୂର୍ଣ୍ଣ ହୋଇ ଜଳନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇପାରେ । ସେଥିପାଇଁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଜଳଭଣ୍ଡାରକୁ ଯଥାସମ୍ଭବ ଖାଲି କରାଯାଉଛି । ବାଣପୁର ଏବଂ ବାଲୁଗାଁ ଅଂଚଳରେ ବର୍ଷା ଜଳ ନିଷ୍କାସନ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ଆଇଟି ବିଭାଗ ପକ୍ଷରୁ ଟେଲିକମ୍ ଅପରେଟରମାନଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ଏସଆରସି କହିଛନ୍ତି ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଗଭୀର ଅବପାତ ଉତର-ଉତରପଶ୍ଚିମ ଦିଗରେ ଗତ ୬ ଘଂଟାରେ ଘଂଟା ପ୍ରତି ୨୫ କିମି ବେଗରେ ଗତି କରି ଗୋଟିଏ ସାମୁଦ୍ରିକ ଝଡ଼ ବା ବାତ୍ୟା ‘ଜୱାଦ୍’ରେ ପରିଣତ ହୋଇଛି। ଏହା ପରବର୍ତୀ ସମୟରେ ଉତର-ପଶ୍ଚିମ ଦିଗକୁ ଗତି କରିବା ସହ ଅଧିକ ଘନୀଭୂତ ହୋଇ ଡିସେମ୍ବର ୪ ତାରିଖ ସକାଳ ସମୟରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ତଥା ଉତର ଆନ୍ଧ୍ରପ୍ରଦେଶ-ଓଡ଼ିଶା ଉପକୂଳରେ ପହଂଚିବାର ସମ୍ଭାବନା ରହିଛି ଏବଂ ପରବର୍ତୀ ସମୟରେ ଏହା ଉତର-ଉତତରପୂର୍ବ ଆଡ଼କୁ ଦିଗ ପରିବର୍ତନ ସହ ଓଡ଼ିଶା ଉପକୂଳରେ ଗତିକରି ଡିସେମ୍ବର ୫ ତାରିଖ ମଧ୍ୟାହ୍ନ ସମୟରେ ପୁରୀ ପାଖାପାଖି ପହଂଚିବାର ସମ୍ଭାବନା ରହିଛି। ପରବର୍ତୀ ସମୟରେ ଉତର-ଉତରପୂର୍ବ ଦିଗରେ ଗତି କରିବା ସହ ଓଡ଼ିଶା ଉପକୂଳ ଦେଇ ପଶ୍ଚିମବଙ୍ଗ ଉପକୂଳ ମୁହାଁ ହେବା ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ‘ଜୱାଦ୍’ ବାତ୍ୟାରେ ‘ଜିରୋ କାଜୁଆଲିଟି’ ଆମର ଲକ୍ଷ୍ୟ । ସମସ୍ତେ ସତର୍କତାପୂର୍ବକ ରାଜ୍ୟ ସରକାରଙ୍କ ନିୟମ ମାନି ଯେପରି ସଚେତନ ରହିବେ, ସେଥି ନିମନ୍ତେ ବିହୀତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା କଂଟ୍ରୋଲ ରୁମ୍ ମାନଙ୍କରେ ବରିଷ୍ଠ ଅଧିକାରୀମାନେ ଦାୟିତ୍ୱରେ ରହିବେ। ଗଞ୍ଜାମ, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, କଟକ ଏବଂ ଜଗତସିଂହପୁର ଆଦି ରାଜ୍ୟର ୬ଟି ଜିଲ୍ଲାର ସରକାରୀ କର୍ମଚାରୀଙ୍କ ଆସନ୍ତା ରବିବାର ଛୁଟିକୁ ବାତିଲ କରାଯାଇଛି । ସମ୍ଭାବ୍ୟ ବାତ୍ୟାକୁ ଆଖି ଆଗରେ ରଖି ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରସ୍ତୁତି ଚାଲିଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ସୂଚନା ଦେଇଛନ୍ତି ।

### ଦିଲ୍ଲୀ ହସ୍ପିଟାଲରେ ଭର୍ତ୍ତି ହେଲେ ....

ପାଇଁ ପଠାଯାଇଛି । ଆସନ୍ତା ସପ୍ତାହରେ ରିପୋର୍ଟ ଆସିବ । ମୁମ୍ବାଇରେ କରୋନା ସଂକ୍ରମିତ ହୋଇଥିବା ୧୦ ଜଣଙ୍କ ମଧ୍ୟରୁ ଆରଟିପିସିଆର ଟେଷ୍ଟ ବେଳେ ୬ ଜଣଙ୍କ ନମୁନାରେ ‘ଏସ୍-ଜିନ୍’ ନଥିବା ଜଣାପଡ଼ିଛି । ‘ଏସ୍-ଜିନ୍’ ନଥିବାରୁ ଏମାନେ ଓମିକ୍ରନ୍ ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଉଛି । ଦୁଇ ଡୋଜ୍ ଟିକା ନେଇନଥିଲେ ମଲ୍ ଓ ଥିଏଟର ମନା । ଦୁଇ ଜଣ ଓମିକ୍ରନ ଆକ୍ରାନ୍ତ ଠାବ ହେବା ପରେ କରୋନା କଟକଣାକୁ କଡ଼ା କରିଛନ୍ତି କର୍ଣ୍ଣାଟକ ସରକାର । ମଲ୍, ଥିଏଟର, ମଲ୍ଟିପ୍ଲେକ୍ସ, ଯିବାକୁ ହେଲେ ଦୁଇ ଡୋଜ୍ ଟିକା ବାଧ୍ୟତାମୂଳକ । ଶିକ୍ଷାନୁଷ୍ଠାନରେ ଜାନୁଆରୀ ୧୫ ଯାଏଁ ଉତ୍ସବ, ସମାବେଶ ମନା । ସେପଟେ ବେଙ୍ଗାଲୁରୁରେ ଓମିକ୍ରନ୍ ଚିହ୍ନଟ ଡାକ୍ତରଙ୍କ ସଂସ୍ପର୍ଶରେ ଆସିଥିବା ୫ ଜଣ କରୋନା ପଜିଟିଭ୍ ହୋଇଛନ୍ତି । ଡାକ୍ତରଙ୍କ ସହଯୋଗୀ, ତାଙ୍କ ପତ୍ନୀ, ଝିଅ ଓ ଶଶୁର ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୫ ଜଣ ସଂକ୍ରମିତଙ୍କ ନମୁନା ଜିନୋମ୍ ସିକ୍ୱେନସିଂ ପାଇଁ ପଠାଯାଇଛି । ଏପଟେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ସଂକ୍ରମିତ ଦେଶରୁ ଆସୁଥିବା ବ୍ୟକ୍ତିମାନଙ୍କ ସୂଚନା କେନ୍ଦ୍ର ସରକାର ଦେଉଛନ୍ତି । ସନ୍ଦେହ ଥିବା ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କରୋନାର ନୂଆ ଭ୍ୟାରିଆଣ୍ଟ ଓମିକ୍ରନକୁ ନେଇ ଆତଙ୍କିତ ହୁଅନ୍ତୁ ନାହିଁ, କିନ୍ତୁ ସତର୍କ ରୁହନ୍ତୁ ବୋଲି କହିଛନ୍ତି ଡାକ୍ତର ନିରଞ୍ଜନ ମିଶ୍ର । ତେବେ ‘ଓମିକ୍ରନ’ ଭୂତାଣୁ କେତେ ଘାତକ ହେବ, ତାହା ଏବେ ବି ସ୍ପଷ୍ଟ ହୋଇନାହିଁ । ତେବେ ଏହା ଡେଲ୍ଟା ଭୂତାଣୁ ଠାରୁ ୩ ଗୁଣ ଅଧିକ ସଂକ୍ରମକ ବୋଲି କହୁଛନ୍ତି ବୈଜ୍ଞାନିକ ।

### ପ୍ରଦୂଷଣ ନିୟନ୍ତ୍ରଣ କରିବ ଫ୍ଲାଇଂ ....

ବ୍ୟକ୍ତିବିଶେଷ ନିୟମକୁ ଉଲଂଘନ କଲେ ଭୋଗିବାକୁ ପଡିବ ଦଣ୍ଡ । ବାୟୁ ପ୍ରଦୂଷଣ ଉପରେ ଶକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଗୁରୁବାର ୧୭ ଟି ଫ୍ଲାଇଙ୍ଗ ସ୍କାର୍ଡଙ୍କୁ ଦାୟିତ୍ୱ ଦିଆଯାଇଛି । ସେପଟେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଂଜାବ ଗସ୍ତରେ ଥିବାବେଳେ ସେଠାରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଦିଲ୍ଲୀରେ ୨ ଲକ୍ଷ୭୫ ହଜାର ସିସିଟିଭି କ୍ୟାମେରା ଖଂଜା ଯାଇଛି । ଆହୁରି ଦେଢ ଲକ୍ଷ ସିସିଟିଭି ଲଗାଯିବାର ଯୋଜନା ରହିଛି । ଫଳରେ ବାୟୁ ପ୍ରଦୂଷଣକୁ ନେଇ ଲଗାଯାଇଥିବା ଗାଇଡଲାଇନ୍ କିଏ ଯଦି ପାଳନ ନକରନ୍ତି ତାହାଲେ ସେମାନେ ସିସିଟିଭିରେ କଏଦ ହେବେ । ସେପଟେ କେଜ୍ରିୱାଲଙ୍କୁ ଟାର୍ଗେଟ କରିଛି ବିଜେପି । ବିଜେପି ନେତା ମନୋଜ ତିୱାରୀ କହିଛନ୍ତି ଦିଲ୍ଲୀରେ ବାୟୁ ପ୍ରଦୂଷଣ ଭଳି ଏତେ ବଡ ସମସ୍ୟା ଥିବାବେଳେ ମୁଖ୍ୟମନ୍ତ୍ରୀ କିପରି ପଂଜାବ ରାଜନୀତିରେ ମାତିଛନ୍ତି । ଦିଲ୍ଲୀ ବାୟୁ ପ୍ରଦୂଷଣ ର ଖରାପ ମାନ ଏବେ ସୁଦ୍ଧା ସୁଧୁରିବାର ନାଁ ଧରୁନି । ସୁପ୍ରିମକୋର୍ଟ ବାରମ୍ବାର ସରକାରଙ୍କ କାର୍ଯ୍ୟପନ୍ଥାକୁ ନେଇ ତାଗିଦ କରିବା ପରେ ସଜାଗ ହୋଇଛନ୍ତି ସରକାର ।

### ମମିତା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ....

ଦରବୃଦ୍ଧି କଥା କହି ଏ ବିଭତ୍ସ ହତ୍ୟାକାଣ୍ଡରୁ ନଜର ହଟାଇବାକୁ ଅପଚେଷ୍ଟା କରି ରାଜନୀତି କରୁଛନ୍ତି ଓ ମମିତାର ଆତ୍ମାକୁ ଆଘାତ ପହଁଚାଇଛନ୍ତି। ଅତିତରେ ଘଟିଥିବା କୌଣସି ମହିଳା ବିରୋଧୀ ଅପରାଧ ଯଥା କୁନ୍ଦୁଲି, ଇତିଶ୍ରୀ, ବେବିନା, ମାଧବୀଲତା, ସ୍ମିତାରାଣୀ, ପରୀ, କୌଣସି ପ୍ରସଙ୍ଗରେ ପୀଡ଼ିତାର ପରିବାର ନ୍ୟାୟ ପାଇପାରି ନାହାନ୍ତି । ତେଣୁ ମୁଖ୍ୟମନ୍ତ୍ରୀଙ୍କର ଏହି ଛଳନାପୂର୍ଣ୍ଣ ବିବୃତି ମିମତାଙ୍କ ପରିବାରକୁ ନ୍ୟାୟ ନୁହେଁ ବରଂ ଦିବ୍ୟଶଙ୍କର ମିଶ୍ରଙ୍କୁ ବଂଚାଇବା ପାଇଁ ଏକ ଅପଚେଷ୍ଟା ଓଡ଼ିଶାବାସୀଙ୍କୁ ଗଭୀର ଆଘାତ ପହଁଚାଇଛି ବୋଲି ଶ୍ରୀ ମିଶ୍ର ଓ ଶ୍ରୀ ମାଝୀ କହିଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ସୁବାଷ ପାଣିଗ୍ରାହୀ, ନାଉରୀ ନାଏକ, ଡ.ମୁକେଶ ମହାଲିଙ୍ଗ, କୁସୁମ ଟେଟେ, ଭାସ୍କର ମଢେଇ, ନିତ୍ୟାନନ୍ଦ ଗଂଡ, ଡ.ବୁଧନ ମୁର୍ମୁ, ନବଚରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

### ସମ୍ଭାବ୍ୟ ବାତ୍ୟା ନେଇ କେନ୍ଦ୍ର ସରକାର ....

ଗୁରୁତ୍ୱ ଦିଆଯାଇଛି। ବାତ୍ୟାର ମୁକାବିଲା ପାଇଁ ସମସ୍ତ ମନ୍ତ୍ରଣାଳୟ ଏବଂ ସଂସ୍ଥା ଗୁଡ଼ିକ ମିଳିତ ଭାବେ କାମ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ବାତ୍ୟା ସମୟରେ ବିଦ୍ୟୁତ୍ ଯୋଗାଣ, ଟେଲି ଯୋଗାଯୋଗ, ବିଶୁଦ୍ଧ ପାନୀୟ ଜଳ ସହ ଅତ୍ୟାବଶ୍ୟକ ସାମଗ୍ରୀ ଆଦି ବିଭିନ୍ନ ଜରୁରୀ ସେବାକୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାକୃତିକ ବିପତ୍ତି ସମୟରେ ଓଡ଼ିଶାର ଭାଇ ଭଉଣୀ ଓ ଗୁରୁଜନମାନଙ୍କୁ ଅନୁରୋଧ, ସମସ୍ତେ ପ୍ରଶାସନ ଦ୍ୱାରା ଜାରୀ କରାଯାଇଥିବା ସତର୍କ ସୂଚନାକୁ ପାଳନ କରିବା ଏବଂ ଧୈର୍ଯ୍ୟ ଓ ସାହାସର ସହ ବାତ୍ୟାକୁ ମୁକାବିଲା କରିବା । ଜୱାଦ ପ୍ରଭାବରେ କାହାର କୌଣସି କ୍ଷତି ନ ହେଉ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

### ସମ୍ଭାବ୍ୟ ବାତ୍ୟା ମୁକାବିଲା....

ସମ୍ଭାବ୍ୟ ବାତ୍ୟା ପୂର୍ବରୁ ଓ ପରବର୍ତୀ ପରିସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ସବୁ କର୍ମଚାରୀ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯିବା ସହ ଭୁବନେଶ୍ୱର ନଛାଡିବାକୁ ନିର୍ଦେଶ ଦିଆଯାଇଛି। ବୈଠକରେ ସ୍ୱାସ୍ଥ୍ୟ, ପରିମଳ, ଅଗ୍ନିଶମ, ପୂର୍ତ, ୱାଟକୋ ଓ ବିଦ୍ୟୁତ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗୀୟ ଅଧିକାରୀ ସାମିଲ ଥିଲେ।

### ମମିତା ମେହେର ମାମଲାକୁ ନେଇ ....

ବିରୋଧୀ ଦଳର ବିଧାୟକ ମାନେ ହାତରେ ପ୍ଲାକାର୍ଡ ଧରି ଗୃହର ମଧ୍ୟ ଭାଗକୁ ଆସି ନାରାବାଜୀ କରିଥିଲେ । ବାଚସ୍ପତି ଶ୍ରୀ ପାତ୍ର କହିଥିଲେ ଯେ ସମସ୍ତେ ନିଜ ଆସନକୁ ଯାଇ ସେଠାରେ ଯାହା କହିବାର ଅଛି କହନ୍ତୁ । ତାହା ରେକର୍ଡ ହେବ । ମାତ୍ର ବିରୋଧୀ ବିଧାୟକ ମାନେ ତାଙ୍କ କଥାକୁ ନ ଶୁଣି ପାଟିତୁଣ୍ଡ ଜାରୀ ରଖିଥିଲେ । ଫଳରେ ବାଚସ୍ପତି ଗୃହକୁ ୧୧.୩୨ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏହି କାରଣରୁ ଆଜି ପ୍ରଶ୍ନୋତର କାର୍ଯ୍ୟକ୍ରମ, ଶୂନ୍ୟକାଳ ଆଦି କୌଣସି କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । ଆଜି ପ୍ରଥମାର୍ଦ୍ଧ ମାତ୍ର ତିନି ମିନିଟରୁ କମ ସମୟ ପାଇଁ ଚାଲି ପାରିଥିଲା ।

## ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ୨୦୨୧ ପାଳିତ

ନୀଳଗିରି, ୦୩/୧୨ (ନି.ପ୍ର): ନୀଳଗିରିରେ ବ୍ଲକସ୍ତରୀୟ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ୨୦୨୧ ସଜନାଗଡ଼ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । ପୂର୍ବାହ୍ନ ୯ଘଟିକା ସମୟରେ ବ୍ଲକ ଏ.ବି.ଇ.ଓ. ଅଜୟ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମର ଶୁଭଉଦ୍‌ଘାଟନ କରିଥିଲେ । ପରେ ସମସ୍ତ ଛାତ୍ରଛାତ୍ରୀମାନେ ସଜନାଗଡ଼ ବିଦ୍ୟାଳୟ ଠାରୁ ସଜନାଗଡ଼ବଜାର ପର୍ଯ୍ୟନ୍ତ କୋଭିଡ୍ ନିୟମ ପାଳନ ପୂର୍ବକ ଭିନ୍ନକ୍ଷମ ଦିବସ ସଚେତନତା ରାଲି କରିଥିଲେ । ଏହି ଉତ୍ସବରେ ବି.ଆର.ସି.ସି. ଯୋଗେନ୍ଦ୍ର ନାଥ ସେଠୀ, ରବିନାରାୟଣ ପରିଡ଼ା ମୁଖ୍ୟବକ୍ତା ଓ ଏ.ବି.ଇ.ଓ. ଅଜୟ କୁମାରପଣ୍ଡା, ସମ୍ମାନିତ ଅତିଥି ତଥା ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଭିନ୍ନକ୍ଷମ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ । ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକର ୨ଶହ ରୁ ଅଧିକ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି କା ର୍ଯ୍ୟ କ୍ର ମ କ ବି.ଆର.ଟି.ଆଇ.ଇ.ଭି. ତଥା ସି.ଆର.ସି.ସି. ଗଣ ପରିଚାଳନା କରିଥିଲେ । ଶେଷରେ ସଜନାଗଡ଼ ପ୍ରାଥମିକ ବିଦାଳୟର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀମଣି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରତୀୟ ସଂସ୍କୃତି ଓ ପରମ୍ପରାର ଅନନ୍ୟ କାର୍ଯ୍ୟକ୍ରମ : ରାଷ୍ଟ୍ରୀୟ କଳା ମଞ୍ଚ ତରଫରୁ ଡିସେମ୍ବର ୧୭ରୁ ୧୯ ପ୍ରତିଭା ସଂଗମ




ଭୁବନେଶ୍ୱର,୦୩/୧୨(ନି.ପ୍ର): ଭାରତୀୟ ସଂସ୍କୃତି ଓ ପରମ୍ପରାର ଅନନ୍ୟ କାର୍ଯ୍ୟକ୍ରମ ‘ପ୍ରତିଭା ସଙ୍ଗମ’ ଆସନ୍ତା ୧୭ରୁ ୧୯ ଡିସେମ୍ବର ତିନିଦିନ ଧରି ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ପୂର୍ବରୁ ୨୦୦୬, ୨୦୧୦, ୨୦୧୪, ୨୦୧୭, ୨୦୧୯ରେ ଅନୁଷ୍ଠିତ ହେବାପରେ ୬ଷ୍ଠ ଥର ପାଇଁ ରାଷ୍ଟ୍ରୀୟ ସ୍ତରରେ ହେବାକୁ ଯାଉଛି। ଆମର କଳା, ସଂସ୍କୃତି, ଲୋକନୃତ୍ୟ, ଚିତ୍ରକଳାକୁ ବଜାୟ ରଖିବା ଏବଂ ବିଦ୍ୟାର୍ଥୀ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ରାଷ୍ଟ୍ରୀୟ କଳା କାର୍ଯ୍ୟ କରିଆସୁଛି। ଭାରତୀୟ କଳା ଯଥା ନୃତ୍ୟ, ସଙ୍ଗୀତ, ଅଭିନୟ, ଚିତ୍ରକଳା, ସ୍ୱରଚିତ କବିତା ଆବୃତି ଆଦିରେ ରୁଚି ରଖୁଥିବା ଦେଶର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ମାଧ୍ୟମରେ ହୋଇ ଏଥିରେ ଭାଗ ନେବେ। ୧୦୦୦ରୁ ଅଧିକ ଚୟନିତ ବିଦ୍ୟାର୍ଥୀ କଳାକାର ଏଥିରେ ଭାଗନେଇ ନିଜର ପ୍ରତିଭା ପ୍ରଦର୍ଶନ କରିବେ। କଳା କେବଳ ଶସ୍ତା ଲୋକପ୍ରିୟତାର ମାଧ୍ୟମ ନୁହେଁ, ଏହା ସମାଜ ଜାଗରଣର ଏକ ବଳିଷ୍ଠ ମାଧ୍ୟମର ବାର୍ତା। ପ୍ରତିଭା ସଂଗମ କାର୍ଯ୍ୟକ୍ରମ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ କେବଳ ପ୍ରତିଯୋଗିତା କରାଏ ନାହିଁ ବରଂ ଓଡିଶାର ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ଏହି ଯୁବ ବିଦ୍ୟାର୍ଥୀ କଳାକାରମାନଙ୍କର ପ୍ରତିଭା ବିକାଶ ପାଇଁ ପ୍ରଶିକ୍ଷଣ ମଧ୍ୟ ଏଠାରେ ଦିଆଯାଏ। ପ୍ରଶିକ୍ଷଣ- ପ୍ରତିଯୋଗୀତା- ପ୍ରଦର୍ଶନ ହେଉଛି ପ୍ରତିଭା ସଙ୍ଗମର ବିଶେଷତା। ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରତିଭା ସଙ୍ଗମ ସ୍ୱାଗତ ସମିତିର ଉପ-ସଭାପତି ବିଶିଷ୍ଟ ବ୍ୟଙ୍ଗ କବି ଜ୍ଞାନ ହୋତା, ଶ୍ରୀ ପ୍ରଣୟ ଜେଠି, ସାଧରଣ ସମ୍ପାଦକ ନୃସିଂହନାଥ ନନ୍ଦ, ସମ୍ପାଦକ ଅଭିନେତା ମୃତ୍ୟୁଞ୍ଜୟ ପଣ୍ଡା, ରାଷ୍ଟ୍ରୀୟ କଳା ମଞ୍ଚର ଉପଦେଷ୍ଟା ତଥା ଏବିଭିପିର ପୂର୍ବତନ ରାଜ୍ୟ ସଭାପତି ଦିଲ୍ଲୀପ କୁମାର ଦାସ, ଏବିଭିପିର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଲଛମନଖୁଣ୍ଟାରେ ଜସନେ ଗୌସୁଲ ବରା



ବସ୍ତା,୦୩/୧୨ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଗ୍ରାମ ରେ ଗୁରୁବାର ପୀରବାବାଙ୍କ ଜସନେ ଗୌସୁଲ ବରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିଳ୍ପପତି ତଥା ଯୁବ ସମାଜସେବୀ ଅବଦୁଲ ଅମିନ ଖାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଆୟୋଜିତ ଏହି ଉତ୍ସବ ରେ ଗୋଲାମ ସରବର ନୈମତି ପୌରାହିତ୍ୟ କରି ପୀର ବାବାଙ୍କ ଉଦେଶ୍ୟରେ ସାଇରୀ ଗାନ କରିଥିଲେ । ମୁଖ୍ୟଅତିଥି ଦିଲ୍ଲୀ ରୁ ସୟଦ ଯାଦବ ନକ୍ସବନ୍ଦୀ ଓ ମୁଖ୍ୟବକ୍ତା ବାଲେଶ୍ୱର ରୁ ମୁକ୍ତି ଗୋଲାମ ହଇଦର ଯୋଗ ଦେଇ ତକରିର ଓ ଧର୍ମବାଣୀ ଶୁଣାଇଥିଲେ । ସମ୍ମାନିତ ଅତିଥି ଭାବେ ବିହାରରୁ ମୌଲାନା ମୁରତାଜା, ମୌଲାନା ନଉସଦ ଓ ମୌଲାନା ୟାସିନ ପ୍ରମୁଖ ମଞ୍ଚାସିନ ଥିଲେ । ଦିଲ୍ଲୀ ରୁ ସୟଦ କାଶୀପ ଅଲ୍ଲୀ, ମୌଲାନା ତାହିର, ଆହେମ୍ମଦ ରାଜା ଓ ବାଲେଶ୍ୱରରୁ ଇର୍ଷାଡ ଆର୍ଜୁ ପ୍ରମୁଖ ନାତସରିଫ ସାଙ୍ଗକୁ କବିତାପାଠ କରି ସଭିଙ୍କ ମନ ମୋହିଥିଲେ । କଲିକତା ରୁ କାରି ୱାହିବ କୋରାନପାଠ କରିଥିଲେ । କୋଭିଡ ଗାଇଡ୍ ଲାଇନ ମୁତାବକ ପୀରବାବାଙ୍କ ପୂଜାପାଠ ସହ ଶ୍ରଦ୍ଧାଳୁ ମାନେ ଉତ୍ସବ ରେ ଉପସ୍ଥିତ ଥିଲେ । ଶେଷରେ ଯୁବ ଉଦ୍ୟୋଗୀ ସଲିମ ଖାନ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ ।

## ମହାପ୍ରଭୁଙ୍କ ଶ୍ରାଦ୍ଧବେଶ ଦର୍ଶନ କଲେ ଶ୍ରଦ୍ଧାଳୁ

ପୁରୀ,୦୩/୧୨ (ନି.ପ୍ର): ମାର୍ଗଶୀର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ପାରମ୍ପରିକ ଶ୍ରାଦ୍ଧବେଶ ସଂପନ୍ନ ହୋଇଛି । ମହାପ୍ରଭୁଙ୍କ ପିତାମାତା ଦଶରଥ, ନନ୍ଦ, ବସୁଦେବଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯିବା ସହିତ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଛି । କୋଭିଡ୍ କଟକଣା ମଧ୍ୟରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଏହି ଶୁଭ୍ରବେଶ ଦର୍ଶନ କରିଛନ୍ତି । ଏହି ତିଥିରେ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ତର୍ପଣ କରୁଥିବାରୁ ଏହି ବେଶରେ ଭୂଷିତ ହୋଇଥାନ୍ତି । ଆଜି ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଶୁଭ୍ରବସ୍ତ୍ର ପରିଧାନ ପୂର୍ବକ ଶ୍ରାଦ୍ଧବେଶରେ ସଜାଇଥିଲେ ।

## ନୀଳଗିରିବାସୀଙ୍କ ତରଫରୁ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ସ୍ଥାନୀୟ ବିଧାୟକ

ନୀଳଗିରି, ୦୩/୧୨ (ନି.ପ୍ର): ନୀଳଗିରି ବିଧାୟକ ବିଭିନ୍ନ ବିଭାଗର ଅର୍ଥ ବରାଦ ପାଇଁ ଦେଇଥିବା ପ୍ରକଳ୍ପ ତାଲିକା ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ବିଭାଗର ପ୍ରକଳ୍ପକୁ ୮୬କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ମଂଜୁର ପ୍ରଦାନ କରିଥିବାରୁ ସାଧାରଣରେ ସ୍ୱାଗତ ଯୋଗ୍ୟ ହୋଇଥିବା ବେଳେ ଅଂଚଳବାସୀଙ୍କ ତରଫରୁ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ ନାୟକ । ଏହି ପ୍ରକଳ୍ପ ଦ୍ୱାରା ନୀଳଗିରି ନିର୍ବାଚନ ମଣ୍ଡଳୀର ଲୋକେ ଉପକୃତ ହେବେ। ତେବେ ମିଳିଥିବା ସୂଚନା ଅନୁଯାୟୀ ସ୍ପେଶାଲ ପ୍ରବେଲ୍ମ ଫଣ୍ଡରେ ୧କୋଟି ୨୦ଲକ୍ଷ ଟଙ୍କା, ପୂର୍ତ ବିଭାଗର ବଉଳଗଡ଼ିଆ-ଔପଦା-ଫତେପୁର ରାସ୍ତା ୨୨କୋଟି ଟଙ୍କା, ସନ୍ତରାଗଡ଼ିଆ-ବିଦୁ ରାସ୍ତା ୮କୋଟି ଟଙ୍କା, ଗୋହିରା-ରାଜବରହମପୁର ରାସ୍ତା ୮କୋଟି ଟଙ୍କା, ନୀଳଗିରି ଟାଉନ ରାସ୍ତା ୩କୋଟି ଟଙ୍କା, ରାଇଗାଁ -ପୁହୁଣି ରାସ୍ତା ୩କୋଟି ଟଙ୍କା, ଟାଙ୍ଗଣା ପୋଲ ୧୦କୋଟି ଟଙ୍କା, ଜଳସମ୍ପଦ ବିଭାଗର ଦୁର୍ଗାପୁର ତଟ ସୁରକ୍ଷା ପାଇଁ ୩.୭କୋଟି ଟଙ୍କା, ବେଗୁନିଆ ତଟ ସୁରକ୍ଷା ପାଇଁ ୧.୭କୋଟି ଟଙ୍କା, କାଠପାଳ ତଟ ସୁରକ୍ଷା ପାଇଁ ୨ କୋଟି ଟଙ୍କା, କୋହ୍ଲପାଳ ତଟ ସୁରକ୍ଷା ପାଇଁ ୨କୋଟି ଟଙ୍କା, ସିନ୍ଧୁଆ ପ୍ରକଳ୍ପ ପାଇଁ ୨.୮କୋଟି ଟଙ୍କା, ନୀଳଗିରି ସହର ଜଳ ନିଷ୍କାସନ ପାଇଁ ୧.୮କୋଟି ଟଙ୍କା, ଡୁମଗଣ୍ଡିରା ତଟ ସୁରକ୍ଷା ପାଇଁ ୪୦ ଲକ୍ଷ ଟଙ୍କା, ଅମ୍ବିକାପୁର ତଟ ସୁରକ୍ଷା ପାଇଁ ୪୦ଲକ୍ଷ ଟଙ୍କା, ସାପୁଆ ପ୍ରକଳ୍ପ ପାଇଁ ୨ କୋଟି ଟଙ୍କା, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାଜନଗର-ଚଷାଖଣ୍ଡ ପୁଅଗଡ଼ିଆ ରାସ୍ତା ପାଇଁ ୩ କୋଟି ଟଙ୍କା, ଚିତାପଦା -ଜୁଗଲ ଶାସନ ରାସ୍ତା ପାଇଁ ୨.୮୪ କୋଟି ଟଙ୍କା, ଏନ.ଏଚ.୧୬-ଅବଦୁଲାନଗର ରାସ୍ତା ୨.୫୬ କୋଟି ଟଙ୍କା, ମଂଜାରିଗାଁ ଓ ବିଷ୍ଣୁଚକ ରାସ୍ତା ପାଇଁ ୨.୭୬କୋଟି ଟଙ୍କା, ବେଗୁନିଆ -ସଠି ଓଡ଼ମ୍ବର ରାସ୍ତା ପାଇଁ ୩.୧୫ କୋଟି ଟଙ୍କା, ଜୁଣ୍ଡୁଦା-ବଗଲପୁର ରାସ୍ତା ୨.୯୪କୋଟି ଟଙ୍କାର ପ୍ରକଳ୍ପ ଉକ୍ତ ଅଂଚଳରେ ନିର୍ମାଣ ହେବାକୁ ଯାଉଥିବା ରୁ ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପ ପାଇଁ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ନୀଳଗିରି ବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ପାଚିକା ଚୟନକୁ କେନ୍ଦ୍ର କରି ଉତ୍ତେଜନା : ମଝି ରାସ୍ତାରୁ ସିଡିପିଓଙ୍କୁ ଭିଡିନେଲେ ମହିଳା



ବସ୍ତା,୦୩/୧୨ (ନି.ପ୍ର): ଅଙ୍ଗନବାଡ଼ି କେନ୍ଦ୍ରରେ ପାଚିକା। ଚୟନକୁ କେନ୍ଦ୍ର କରି ସପକ୍ଷ ବାଦୀ ଓ ବିପକ୍ଷ ବାଦୀ ମୁହାମୁହିଁ ଏବଂ ଧସ୍ତା ଧସ୍ତି ହୋଇ ମଝି ରାସ୍ତାରୁ ମହିଳାମାନେ ସିଡିପିଓଙ୍କୁ ଭିଡିନେଲେ। ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି, ବସ୍ତା ବ୍ଲକ ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ବେଲି ଅଙ୍ଗନବାଡ଼ି କେନ୍ଦ୍ର ରେ। ପ୍ରକାଶ ଯେ ଉକ୍ତ ଅଙ୍ଗନବାଡ଼ି ରେ କାର୍ଯ୍ୟରତ ଥିବା ପାଚିକା ବ୍ରଜେଶ୍ୱରୀ ପାତ୍ରଙ୍କର ୨୦୧୮ ମସିହାରେ ମୃତ୍ୟୁ ହୋଇଥିଲା। ଏନେଇ ବିଭାଗ ପକ୍ଷରୁ ପାଚିକା ଚୟନ ପାଇଁ ୨୦୧୯ରେ ବିଜ୍ଞପ୍ତି ପ୍ରକାଶ ପାଇବା ସହିତ, ଚୟନ ପ୍ରକ୍ରିୟା ହୋଇଥିଲା। ମାତ୍ର ସେତେବେଳେ ଉତ୍ତେଜନା ହେବାରୁ ସ୍ଥଗିତ ରହିଥିଲା। ଘଟଣାର ଦୁଇ ବର୍ଷ ପରେ ନୂତନ ଭାବେ କୌଣସି ବିଜ୍ଞପ୍ତି ପ୍ରକାଶ ନକରି ୬୭୩ ଚିଠି ମୂଳେ ଚୟନ ହେଉଥିବାରୁ କିଛି ମହିଳା ଜିଲା ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବା ସହିତ, ମୁଖ୍ୟ ଫାଟକ ନିକଟରେ ଦୃଢ଼ ବିରୋଧ କିରିଥିଲେ। ଯାହାକୁ କେନ୍ଦ୍ର କରି ସପକ୍ଷ ବାଦୀ ଓ ବିପକ୍ଷ ବାଦୀ ମୁହାଁ ମୁହିଁ ହେବାସହିତ ହାତା ହାତୀ ହୋଇ ମଝିରାସ୍ତାରୁ ବସ୍ତା ସିଡିପିଓ ଓ ସୁପରଭାଇଜର ଙ୍କୁ ସ୍କୁଲ ହତା ଭିତରକୁ ଭିଡି ଆଣିଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ସିଂଲା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି କୁ ଆୟତ୍ତ କରିବା ସହିତ, ଦୀର୍ଘ ସମୟ ପରେ ଭୋଟିଂ ଆରମ୍ଭ ହୋଇଥିଲା । ମାତ୍ର ଫଳାଫଳ ସ୍ଥଗିତ ରହିଛି।

